RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -122 | ସଂଖ୍ୟା-୧୨୨
ଭୁବନେଶ୍ୱର, ଗୁରୁବାର ୨୩ ଜୁଲାଇ ୨୦୨୬
Bhubaneswar, Thursday 23 July, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର





**ତିନି ରଥର ଦକ୍ଷିଣମୋଡ଼**

ବଡ଼ଦାଣ୍ଡରେ ଘର୍ଘର ନାଦକରି ପୁଣି ଥରେ ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷ ଗଡିବ। ଶରଧାବାଲିରୁ ଶ୍ରୀମନ୍ଦିର ସିଂହଦ୍ୱାର ଅଭିମୁଖେ ତିନିରଥ ବାହାରିବ। ଘଣ୍ଟ, ଶଙ୍ଖ ଏବଂ ହରିବୋଲର ଧ୍ୱନି ଶୁଭିବ। ବ୍ରହ୍ମାଣ୍ଡ ଠାକୁର ନିଜର ଭକ୍ତଙ୍କ ସହିତ ଭାବ ବିନିମୟ କରିବେ। ପୁଣିଥରେ ଭକ୍ତ ଓ ଭଗବାନଙ୍କ ମହାମିଳନ ହେବ। ବିଶ୍ୱବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ପରଂବ୍ରହ୍ମ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କ ଫେରିବା ବାଟକୁ ପ୍ରବଳ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ରଥ, ପଥ ଓ ଭକ୍ତ।

# ଲୋକସଭାରୁ ଅଗଷ୍ଟ ୧୩ ଯାଏଁ ନିଲମ୍ବିତ ହେଲେ ଟିଏମସି ନେତା କଲ୍ୟାଣ ବାନାର୍ଜୀ

ନୂଆଦିଲ୍ଲୀ୨୨।୭(ନି.ପ୍ର.):ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ କଲ୍ୟାଣ ବାନାର୍ଜୀ ବୁଧବାର ଜୁଲାଇ ୨୨ରେ ଅଗଷ୍ଟ ୧୩ ତାରିଖରେ ଶେଷ ହେବାକୁଥିବା ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଲୋକସଭାରୁ ନିଲମ୍ବିତ ହୋଇଛନ୍ତି। ସେ ନ୍ୟାସନାଲ ସିଟିଜେନ୍ ପାର୍ଟି ଅଫ୍ ଇଣ୍ଡିଆ(ଏନସିପିଆଇ) ମହିଳା ସଦସ୍ୟଙ୍କ ସହିତ ଲୋକସଭାରେ ଝଗଡ଼ା କରି ଅଣସାମ୍ବିଧାନିକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ବୁଧବାରର ଦ୍ୱିତୀୟ ମୁଲତବୀ ପରେ ଅପରାହ୍ନ ୨ଟାରେ ଲୋକସଭା ପୁନର୍ବାର ଆରମ୍ଭ ହେବା ମାତ୍ରେ, ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ତେନେଟି ବାନାର୍ଜୀଙ୍କ ବିରୋଧରେ ସଦସ୍ୟମାନଙ୍କ ଦ୍ୱାରା ବାଚସ୍ପତିଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗକୁ ଉଲ୍ଲେଖ କରିଥିଲେ। ତେନେଟି କହିଛନ୍ତି ଯେ, ବାନାର୍ଜୀଙ୍କ ମନ୍ତବ୍ୟ ଗୃହର ମର୍ଯ୍ୟାଦାକୁ ଗରିମାକୁ କ୍ଷୁଣ୍ଣ କରିଛି ଏବଂ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ଟିଏମସି ସାଂସଦଙ୍କୁ ନିଲମ୍ବନ କରିବା ପାଇଁ ଗୃହର ଅନୁମୋଦନ ପାଇଁ ଏକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ଏନଇଇଟି ପେପର ଲିକ୍ ପ୍ରସଙ୍ଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ସ୍ଲୋଗାନ ମଧ୍ୟରେ ଏହି ପ୍ରସ୍ତାବକୁ ଭଏସ୍ ଭୋଟ୍ ମାଧ୍ୟମରେ ଗୃହୀତ କରାଯାଇଥିଲା। ପ୍ରସ୍ତାବ ଗୃହୀତ ହେବା ପରେ, ତେନେଟି ବାନାର୍ଜୀଙ୍କୁ ଲୋକସଭା ପରିସର ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ।

ବିରୋଧୀଙ୍କ ହଟ୍ଟଗୋଳ ପରେ ଗୃହକୁ ମୁଲତବୀ କରାଯିବା ପରେ ବୁଧବାର ଦିନ ଲୋକସଭା ଚାମ୍ବରରେ ବାନାର୍ଜୀ ତାଙ୍କର କିଛି ପୂର୍ବତନ ଦଳୀୟ ସହଯୋଗୀ ଏବଂ ଏନସିପିଆଇ ସାଂସଦଙ୍କ ସହ ଚାସ୍ୱରରେ ବାର୍ତ୍ତାଳାପ କରିଥିଲେ। ଏହି ବାର୍ତ୍ତାଳାପରେ ସାମିଲ ଥିବା ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ସଦସ୍ୟଙ୍କ ମଧ୍ୟରେ ମିତାଲି ବାଗ, ଶତାବ୍ଦୀ ରାୟ ଏବଂ କାକୋଲି ଘୋଷ ଦସ୍ତିଦାର ଥିଲେ। କ'ଣ ପାଇଁ ଏହି ଉଷ୍ମ କଥାବାର୍ତ୍ତା ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ଗୃହରେ ପ୍ରବଳ ହଟ୍ଟଗୋଳ ପରେ କିଛି ବିରୋଧୀ ସଦସ୍ୟ ହସ୍ତକ୍ଷେପ କରି ଉଭୟ ପକ୍ଷକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ଯେତେବେଳେ କିଛି ବିରୋଧୀ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ଘଟଣା ବିଷୟରେ ପଚାରିଥିଲେ, ସେ ଲୋକସଭା ଛାଡି ଚାଲିଯାଇଥିଲେ। ପରେ,ବାଗ ଏବଂ ଦସ୍ତିଦାରଙ୍କ



ସମେତ ଏନସିପିଆଇ ସାଂସଦମାନେ, ଅନ୍ୟ କିଛି ସଦସ୍ୟଙ୍କ ସହିତ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କ ଚାମ୍ବରରେ ଭେଟି ଏହି ମାମଲା ଉଠାଇଥିଲେ। ସୂତ୍ର ଅନୁସାରେ ବାଚସ୍ପତି ଏନସିପିଆଇକୁ ଘଟଣା ସମ୍ପର୍କରେ ଏକ ଲିଖିତ ଅଭିଯୋଗ ଦାଖଲ କରିବାକୁ କହିଥିଲେ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ୨୦ ଜଣ ଟିଏମସି ସାଂସଦ ଦଳୀୟ ନେତୃତ୍ୱ ବିରୋଧରେ ବିଦ୍ରୋହ କରି ଏନସିପିଆଇରେ ଯୋଗ ଦେଇଥିଲେ। ସେମାନେ ଲୋକସଭାରେ ଟିଏମସି ସାଂସଦମାନଙ୍କଠାରୁ ଦୂରରେ ପୃଥକ ଭାବରେ ବସିବା ଆରମ୍ଭ କରିଛନ୍ତି । ଏନସିପିଆଇ ସାଂସଦମାନେ ଶାସକ ମେଣ୍ଟ ଏନଡିଏ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ସେମାନଙ୍କର ଆନୁଗତ୍ୟ ପ୍ରକାଶ କରିଛନ୍ତି।

# ଆଇନ ଶୃଙ୍ଖଳା, ସୁରକ୍ଷାରେ ସାଲିସ କରନି

- ବାହୁଡାରେ ଭିଡ ପରିଚାଳନାକୁ ମୋହନଙ୍କ ଫୋକସ୍
- ଆଇନ ଶୃଙ୍ଖଳା, ସୁରକ୍ଷାରେ କୌଣସି ସାଲିସ କରାଯିବ ନାହିଁ
- ଭିଡ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ
- ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପ୍ରଶାସନ ଓ ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ନିବେଦନ



ଭୁବନେଶ୍ୱର, ୨୨।୭(ନି.ପ୍ର.): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ସୁରୁଖୁରୁରେ ସଂପନ୍ନ କରିବାକୁ ସମସ୍ତେ ଯତ୍ନବାନ ରୁହ। ଭିଡ ପରିଚାଳନା, ଠିକ ସମୟରେ ସୂଚନା ପ୍ରଦାନ ସହ ଆଇନ ଶୃଙ୍ଖଳା ଓ ସୁରକ୍ଷାରେ କୌଣସି ପ୍ରକାର ସାଲିସ କରନି। ବାହୁଡା ଯାତ୍ରା ପ୍ରସ୍ତୁତି ସମୀକ୍ଷାରେ ଅଧିକାରୀମାନଙ୍କୁ ଏମିତି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ। ଶ୍ରଦ୍ଧାଳୁମାନେ ପ୍ରଶାସନ ଓ ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ସେ ନିବେଦନ ମଧ କରିଛନ୍ତି।

ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ହେବାକୁ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ହୋଇଥିବା ଆଲୋଚନାରୁ ଜଣା ଯାଇଛି ଯେ, ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି। ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ସ୍ପିରିଟ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣି ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି। ବୈଠକରେ ଭିଡ ପରିଚାଳନା ଓ ନିରନ୍ତର ସୂଚନା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଭିଡରେ ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଉଞ୍ଚଠ ରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ ହେବ। ତେଣୁ, ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ, ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୋଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୋଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ୧୦ ବର୍ଷରେ ୧୫୨ ପ୍ରଶ୍ନପତ୍ର ଲିକ୍, ଜଣେ ବି ଦଣ୍ଡିତ ହୋଇନାହାନ୍ତି: ରାହୁଲ

ନୂଆଦିଲ୍ଲୀ, ୨୨।୭(ନି.ପ୍ର.): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ର ଆନ୍ଦୋଳନକୁ ନେଇ ବୁଧବାର ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଗତ ୧୦ ବର୍ଷରେ ଦେଶରେ ବିଭିନ୍ନ ପରୀକ୍ଷାରେ ୧୫୨ ଥର ପ୍ରଶ୍ନପତ୍ର ଲିକ୍ ହୋଇଛି, କିନ୍ତୁ ଜଣେ ବି ଦଣ୍ଡିତ ହୋଇନାହାନ୍ତି ବୋଲି ରାହୁଲ ଅଭିଯୋଗ କରି କହିଛନ୍ତି।




ଛାତ୍ରମାନଙ୍କ ଉପରେ ଲାଠିଚାର୍ଜକୁ ନେଇ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟରେ ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଠାରେ ରାହୁଲ ପ୍ରଥମେ ୨୦ ଜୁଲାଇରେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର 'ସଂସଦ ଚଲୋ' ମାର୍ଚ୍ଚରେ ଅଂଶଗ୍ରହଣ କରୁଥିବା ଛାତ୍ରମାନଙ୍କ ଉପରେ ହୋଇଥିବା ପୁଲିସର ନିର୍ମମ ଆକ୍ରମଣର ଭିଡିଓ ପ୍ରଦର୍ଶନ କରିଥିଲେ। ଉପସ୍ଥାପନା ସମୟରେ ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ ଯେ, ସୁରକ୍ଷା ବାହିନୀ ଛାତ୍ରମାନଙ୍କୁ କାହିଁକି ଏତେ ନିର୍ମମ ଭାବରେ ମାଡ ମାରିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁ ସାରା ଦେଶରେ ୭.୫ କୋଟି ନିଟ୍ ଆଶାୟୀ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ପ୍ରଭାବିତ ହୋଇଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଏପର୍ଯ୍ୟନ୍ତ କାହାକୁ ଦଣ୍ଡିତ କରାଯାଇନାହିଁ। ଲୋକମାନେ ସେମାନଙ୍କ କଷ୍ଟାର୍ଜିତ ଧନ ପିଲାଙ୍କ ପାଠପାରେ ଖର୍ଚ୍ଚ କରୁଛନ୍ତି, ପରେ ଦେଖୁଛନ୍ତି ସେମାନଙ୍କ ଆଶା ଧୂଳିସାତ୍ ହେଉଛି ବୋଲି ରାହୁଲ କହିଛନ୍ତି।

ରାହୁଲ କହିଛନ୍ତି, ଆମ ଶିକ୍ଷା ବ୍ୟବସ୍ଥା ଆମ ଦେଶର ସବୁଠୁ ବଡ ସମ୍ପତ୍ତି, କିନ୍ତୁ ଏହାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୂରା ନଷ୍ଟ କରି ସାରି ଲେଣି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦୁର୍ନୀତିଗ୍ରସ୍ତ ଓ ଅଯୋଗ୍ୟ ବ୍ୟକ୍ତି ବୋଲି କହି ରାହୁଲ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଦେଶରେ ଶିକ୍ଷା ଏତେ ମହଙ୍ଗା ହୋଇଗଲାଣି ଯେ, ଏହା ଦେଶର ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଅପହଞ୍ଚ ହୋଇଯାଇଛି। ସୋମବାର 'ସଂସଦ ଚଲୋ' ଆନ୍ଦୋଳନ ବେଳେ ଛାତ୍ରଙ୍କୁ ଅତି ନିର୍ମମ ଭାବେ ପିଟିଥିବା ପୁଲିସ ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାହୁଲ ଦାବି କରିଛନ୍ତି। ଛାତ୍ରମାନଙ୍କ ଉପରେ ହୋଇଥିବା ଆକ୍ରମଣରେ ପ୍ରଧାନମନ୍ତ୍ରୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ମଧ୍ୟ ସେ ଦାବି କରିଛନ୍ତି।

# ଜେନେରିକ୍ ଔଷଧ ଉପରେ ଟ୍ରମ୍ପ ଲଗାଇଲେ ୨୦୦% ଶୁଳ୍କ

ୱାସିଂଟନ୨୨।୭(ନି.ପ୍ର.): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲଗାଇବା ନୀତି ବଜାୟ ରଖି ଜେନେରିକ୍ ଔଷଧ ଉପରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗିବ ବୋଲି କହିଛନ୍ତି। ସୋସିଆଲ ମିଡିଆ ଟ୍ରୁଥ୍‌ରେ ସୂଚନା ଦେଇ ସେ ଜଣାଇଛନ୍ତି ଯେ ୨୦୨୬ ଅଗଷ୍ଟ ୧ ପରଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେନେରିକ୍ ଔଷଧ ଉପରେ ଶୁଳ୍କ ଶୂନ ପ୍ରତିଶତ ରହିଛି। ୨୦୨୮ ଅଗଷ୍ଟ ୧ଠାରୁ ତାହା ଉପରେ ୧୦୦ ପ୍ରତିଶତ ଓ ୨୦୨୯ ଅଗଷ୍ଟ ପରଠାରୁ ୨୦୦ ପ୍ରତିଶତ ଶୁଳ୍କ ଲାଗିବ। ଆମେରିକାରେ ଜେନେରିକ୍ ଔଷଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରମ୍ପ ଏଭଳି ପଦକ୍ଷେପ ଘୋଷଣା କରିଛନ୍ତି। ଯେଉଁ କମ୍ପାନି ଆମେରିକାରେ ଉତ୍ପାଦନ କରିବେ ନାହିଁ, ସେମାନେ ଅଧିକ ଶୁଳ୍କ ଗଣିବାକୁ ବାଧ୍ୟ ହେବେ।

ବ୍ରାଣ୍ଡେଡ୍ ହୋଇ ନଥିବା ଓ ପେଟେଣ୍ଟ ଶେଷ ହୋଇଯାଇଥିବା ଔଷଧଗୁଡିକୁ ଜେନେରିକ୍ ଔଷଧ କୁହାଯାଉଛି। ତାହା ସାଧାରଣତଃ ବ୍ରାଣ୍ଡେଡ୍ ଔଷଧଠାରୁ ଯଥେଷ୍ଟ କମ୍ ଦାମରେ ମିଳିଛି। ଭାରତରେ ଜନ ଔଷଧୀ ଓ ଦବା ଇଣ୍ଡିଆରେ ମିଳୁଥିବା ଔଷଧଗୁଡିକ ହେଉଛି ଜେନେରିକ୍ ଔଷଧ। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଷ୍ଟକ୍ ବଜାରରେ ଭାରତୀୟ ଔଷଧ କମ୍ପାନିଗୁଡିକର ସେୟାର ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଥିଲା। ଆମେରିକାକୁ ଔଷଧ ରପ୍ତାନି କରୁଥିବା କମ୍ପାନି ସିପ୍ଲା, ଲୁପିନ୍, ସନ୍ ଫାର୍ମା, ଡକ୍ଟର ରେଡ୍ଡିସ୍, ଜାଇଡସ୍ ଲାଇଫ୍‌ସାଇନ୍‌ସେସ୍, ଆଲ୍‌କେମ୍ ଲାବୋରେଟୋରିଜ୍ ଓ ଟୋରେଣ୍ଟ ଫାର୍ମାର ସେୟାର ମୂଲ୍ୟରେ ୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଆମେରିକା ଭାରତୀୟ ଔଷଧର ସବୁଠୁ ବଡ ରପ୍ତାନି ବଜାର। କିନ୍ତୁ ସମ୍ପ୍ରତି ସେହି ରପ୍ତାନି ସ୍ଥିର ହୋଇ ହ୍ରାସ ପାଇବାରେ ଲାଗିଛି। ଭାରତର ୩୦ ପ୍ରତିଶତ ଔଷଧ ଆମେରିକା ପଠାଯାଉଛି। ୨୦୨୫-୨୬ରେ ଆମେରିକା, କାନାଡା ଓ ମେକ୍ସିକୋକୁ ଔଷଧ ରପ୍ତାନି ୭.୯ ପ୍ରତିଶତ ହ୍ରାସ ପାଇଥିଲା। ୨୦୨୬-୨୭ରେ ସେହି ଧାରା ଜାରି ରହିଛି। ଜେନେରିକ ଔଷଧ ଉତ୍ପାଦନ ପାଇଁ ଆମେରିକା ଯେଉଁ ଦୁଇ ବର୍ଷର ଅବଧି ରଖିଛି ସେଥିରେ ତାହା ସଫଳ ହେବା ସନ୍ଦେହ ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ନିୟାମକ ଅନୁମୋଦନ ହାସଲଣ କରିବା, କାରଖାନା ନିର୍ମାଣ କରିବା ଏବଂ ସବୁ ପ୍ରକାର ଆବଶ୍ୟକତା ପୂରଣ କରୁଥିବା ଜେନେରିକ୍ ଔଷଧ ଉତ୍ପାଦନ କରିବା କାର୍ଯ୍ୟ ଦୁଇ ବର୍ଷରେ ଶେଷ ହେବା ନେଇ ସନ୍ଦେହ ରହିଥିବା ସେମାନେ କହିଛନ୍ତି।

# ବ୍ରହ୍ମପୁରରେ ଜଣେ ସଂକ୍ରମିତ, ଏମକେସିଜିରେ ଚାଲିଛି ଚିକିତ୍ସା

ବ୍ରହ୍ମପୁର, ୨୨।୭(ନି.ପ୍ର.): ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶାରେ ପଶିଲା କରୋନା । ବ୍ରହ୍ମପୁରରେ ଜଣେ କୋଭିଡ୍ ପଜିଟିଭି ଚିହ୍ନଟ ହୋଇଛନ୍ତି । ବ୍ରହ୍ମପୁର ବଡ଼ମେଡିକାଲରେ ସେ ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ସଂକ୍ରମିତ ଜଣକ ମହିଳା । କରୋନା ସଂକ୍ରମିତ ଚିହ୍ନଟକୁ ନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ଏମକେସିଜି ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ସୁଦୀପା ଦାସ । ଅନ୍ୟପଟେ ବ୍ରହ୍ମପୁର ବଡ଼ ମେଡିକାଲରେ ଜଣେ କରୋନା ରୋଗୀ ଚିହ୍ନଟ ହୋଇଥିବା ସ୍ୱୀକାର କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଫେସର ଡାକ୍ତର ସନ୍ତୋଷ ମିଶ୍ର । ରୋଗୀ ଜଣଙ୍କୁ ବଡ଼ ମେଡିକାଲରେ ଆଇସୋଲସନରେ ରଖାଯାଇ ଚିକିତ୍ସା କରାଯାଉଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । କୌଣସି ଭୟଭୀତ ହେବାର ଆବଶ୍ୟକ ନାହିଁ ବୋଲି କହିଛନ୍ତି ସୁପରିଟେଣ୍ଡେଣ୍ଟ । ଆନ୍ଧ୍ରପ୍ରଦେଶ ପରେ ଏବେ ରାଜ୍ୟରେ କରୋନା ଆତଙ୍କ ଦେଖିବାକୁ ମିଳିଛି ।୬ ବର୍ଷ ପରେ ପୁଣି କୋଭିଡ୍ ଫେରିଛି । ଗତ ୧୧ ତାରିଖରେ ଆନ୍ଧ୍ରପ୍ରଦେଶରେ କଡପା ଜିଲ୍ଲାରେ କୋଭିଡ୍‌ରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ଆହୁରି ୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ । କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁସାରେ ପଜିଟିଭ୍‌ଙ୍କ ଚିକିତ୍ସା ଚାଲିଛି । ଆନ୍ଧ୍ରପ୍ରଦେଶରେ କୋଭିଡ୍ ଜୀବନ ନେବା ପରେ ପଡଶୀ ଓଡିଶାର ସୀମାନ୍ତ ଜିଲ୍ଲା ଗଞ୍ଜାମରେ ଏବେ ଆତଙ୍କ ବାତାବରଣ ଦେଖିବାକୁ ମିଳିଥିଲା । ଆନ୍ଧ୍ରରୁ ଗଞ୍ଜାମକୁ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିଲା । ସତକୁ ସତ ଏବେ ଖବର ଆସୁଛି କି ଗଞ୍ଜାମରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଆହୁରି ସୁଦୃଢ଼ ହେଲା 'ସମୃଦ୍ଧ ଓଡ଼ିଶା' ଗଠନର ସଂକଳ୍ପ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୭(ନି.ପ୍ର.): ନୀତି ଆୟୋଗଙ୍କ ଦ୍ୱାରା ପ୍ରଥମ ଥର ପାଇଁ ପ୍ରକାଶିତ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ୨୦୨୬'ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀ, ସମସ୍ତ ସରକାରୀ ବିଭାଗ, ଶିଳ୍ପ ସହଯୋଗୀ, ଉଦ୍‌ଯୋଗୀ, ନିବେଶକ ଏବଂ ସରକାରୀ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।ଏହି ସଫଳତାକୁ ଓଡ଼ିଶାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମାନ୍ୟତା ରାଜ୍ୟର ସ୍ୱଚ୍ଛ ଶାସନ, ନୀତିଗତ ସଂସ୍କାର, ନିବେଶକ-ଅନୁକୂଳ ପ୍ରଶାସନ ଏବଂ ସ୍ଥାୟୀ ଶିଳ୍ପ ବିକାଶ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ସଂକଳ୍ପ ଆହୁରି ସୁଦୃ ହୋଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, 'ସବୁଠାରୁ ନିବେଶ-ଅନୁକୂଳ ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହି ସଫଳତା ସ୍ୱଚ୍ଛ ଶାସନ, ଶିଳ୍ପ-ଅନୁକୂଳ ନୀତି ଏବଂ ଦକ୍ଷ ସେବା ଯୋଗାଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ। ଓଡ଼ିଶା ପ୍ରତି ନିରନ୍ତର ଆସ୍ଥା ପ୍ରକଟ କରିଥିବାରୁ ଆମେ ଆମର ଶିଳ୍ପ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଉଛୁ। ଏହି ମାନ୍ୟତା ଆମର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ, ବରଂ ଏକ ମାଇଲଖୁଣ୍ଟ। ଆମେ ନିରନ୍ତର ସଂସ୍କାର ଜାରି ରଖିବୁ, ଭିତ୍ତିଭୂମିକୁ ସୁଦୃଢ଼ କରିବୁ ଏବଂ ଏକ ଅଧିକ ଅନୁକୂଳ ପରିବେଶ ସୃଷ୍ଟି କରିବୁ ଯାହା ଦ୍ୱାରା ଓଡ଼ିଶା ଭାରତ ଏବଂ ନିବେଶ କ୍ଷେତ୍ରରେ ବିଶ୍ୱ ସ୍ତରରେ ସବୁଠାରୁ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ପରିଗଣିତ ହୋଇପାରିବ।'ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ସଂଘୀୟ ବ୍ୟବସ୍ଥା ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କର ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଯୁଗାନ୍ତକାରୀ ସଂସ୍କାର ଏବଂ 'ଡବଲ୍ ଇଞ୍ଜିନ୍ ସରକାର'ର ଶକ୍ତି ଓଡ଼ିଶାର ଭିତ୍ତିଭୂମି, ଶିଳ୍ପାୟନ, ସଂଯୋଗୀକରଣ, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ ଏବଂ ସାମଗ୍ରିକ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି।

ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ପରିକଳ୍ପନା ଦ୍ୱାରା ଅନୁପ୍ରାଣିତ ହୋଇ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ଏକ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ପ୍ରତିବଦ୍ଧ, ଯେଉଁଠାରେ ଶିଳ୍ପ ଅଭିବୃଦ୍ଧି ଗୁଣାତ୍ମକ ରୋଜଗାର ସୃଷ୍ଟି କରିବ, ଯୁବବର୍ଗଙ୍କୁ ସଶକ୍ତ କରିବ ଏବଂ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ସର୍ବବ୍ୟାପୀ ସମୃଦ୍ଧି ସୁନିଶ୍ଚିତ କରିବ।ନୀତି ଆୟୋଗ ଦ୍ୱାରା ପ୍ରକାଶିତ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ' ହେଉଛି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିବେଶ ପରିବେଶ ଆକଳନ ପାଇଁ ଭାରତର ପ୍ରଥମ ସମ୍ପୂର୍ଣ୍ଣ, ତଥ୍ୟ-ଆଧାରିତ ବ୍ୟବସ୍ଥା।ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଏବଂ ଗୋଆ ସହିତ ଓଡ଼ିଶା ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସ୍ଥାନ ପାଇଛି, ଯାହା ଭାରତର ସବୁଠାରୁ ପ୍ରତିଯୋଗିତାମୂଳକ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଏହାର ଆବିର୍ଭାବକୁ ପୁନଃ ପ୍ରତିପାଦିତ କରୁଛି।ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ମାନ୍ୟତା ଓଡ଼ିଶାର ଶାସନ ସଂସ୍କାର, ବ୍ୟବସାୟ ସହଜସାଧ୍ୟତା, ସଂସ୍ଥାଗତ ଦକ୍ଷତା ଏବଂ ନିବେଶକଙ୍କ ସୁବିଧା ପ୍ରତି ନିରନ୍ତର ଧ୍ୟାନକୁ ପ୍ରମାଣିତ କରୁଛି।

ପ୍ରଗତିଶୀଳ ନୀତିଗତ ପଦକ୍ଷେପ, ଡିଜିଟାଲ୍ ଶାସନ, ସମୟସୀମା ମଧ୍ୟରେ ମଞ୍ଜୁରୀ, ସୁଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଏବଂ ଏକ ମଜବୁତ୍ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ମାଧ୍ୟମରେ ରାଜ୍ୟ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି, ଯାହାବିଭିନ୍ନ କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରୁଛି।ସେ କହିଛନ୍ତି ଯେ, ଓଡ଼ିଶାର ବିକାଶ କାହାଣୀ ଆଜି କେବଳ ପାରମ୍ପରିକ ଶିଳ୍ପ ଶକ୍ତି ମଧ୍ୟରେ ସୀମିତ ନାହିଁ। ରାଜ୍ୟ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ନିବେଶ ଆକୃଷ୍ଟ କରୁଛି ଏବଂ ଏକ ବିବିଧ ଉତ୍ପାଦନ ଏବଂ ସେବା ହବ୍ ଭାବେ ମାନ୍ୟତା ହାସଲ କରୁଛି । ନିଜର ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନିବେଶଗୁଡ଼ିକ ଓଡିଶାର ଇଣ୍ଡଷ୍ଟ୍ରି ଭାଲ୍ୟୁ ଚେନ୍‌କୁ ସୁଦୃଢ଼ କରିବା ସହିତ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ ମଧ୍ୟ କରୁଛି । ଏମଏସଏମଇ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ସହାୟତା ଯୋଗାଇ ଦେବା ସହିତ ନବସୃଜନ ଓ ଦକ୍ଷତା ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରୁଛି । ଏହି ବିପୁଳ ନିବେଶ ଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି ।ସମନ୍ୱିତ ଶିଳ୍ପ ପାର୍କ, ଲଜିଷ୍ଟିକ୍ସ କରିଡର, ଉନ୍ନତ ସଂଯୋଗୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ କ୍ଷେତ୍ର-ଭିତ୍ତିକ ଶିଳ୍ପ ପରିବେଶ ମାଧ୍ୟମରେ ଆଧୁନିକ ଶିଳ୍ପ ଭିତ୍ତିଭୂମିର ବିକାଶକୁ ସରକାର ପ୍ରାଥମିକତା ଦେଇଛନ୍ତି। ଦେଶୀୟ ଏବଂ ବିଶ୍ୱସ୍ତରୀୟ ନିବେଶକମାନଙ୍କ ସହ ନିରନ୍ତର ଆଲୋଚନା, ନୀତିଗତ ସ୍ଥିରତା ଏବଂ ଦକ୍ଷ ପ୍ରକଳ୍ପ ସୁବିଧା ଏକ ଭରସାଯୋଗ୍ୟ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଓଡିଶାର ସୁନାମକୁ ଆହୁରି ସୁଦୃଢ଼ କରିଛି ।ସରକାରଙ୍କ ଦୀର୍ଘମିଆଦୀ ବିକାଶ ଏଜେଣ୍ଡାକୁ ଦୋହରାଇ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶା ଗଠନର ଶତବାର୍ଷିକୀ ବର୍ଷ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ଏକ ସ୍ପଷ୍ଟ ରୋଡମ୍ୟାପ୍ ସହିତ କାର୍ଯ୍ୟ କରୁଛି, ଯାହା 'ବିକଶିତ ଭାରତ ୨୦୪୭'ର ଜାତୀୟ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଏହି ଜାତୀୟ ମାନ୍ୟତା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଏକ ଉତ୍ତରଦାୟୀ, ସ୍ୱଚ୍ଛ ଓ ବିଶ୍ୱସ୍ତରୀୟ ନିବେଶ ପରିବେଶ ସୃଷ୍ଟି କରିବାରେ 'ଟିମ୍ ଓଡ଼ିଶା'ର ସାମୂହିକ ଉଦ୍ୟମକୁ ପ୍ରତିଫଳିତ କରୁଛି।



# ରାଜ୍ୟସ୍ତରୀୟ ସେମିନାରରେ ଭାଗ ନେଲେ ବଲାଙ୍ଗିରର ଦୁଇ ବିଚାରକ

ବଲାଙ୍ଗିର,୨୨।୭ :(ମନ୍ଥନ)ଉଷୁ ଆସୋସିଏସନ ଅଫ୍ ଓଡିଶା ଓ ଖୋର୍ଦ୍ଧା ଉଷୁ ସଂଘ ର ମିଳିତ ଭାବରେ ଦୁଇ ଦିନିଆ ଓଡିଶା ରାଜ୍ୟ ଉଷୁ ବିଚାରକଙ୍କ ପାଇଁ (ଜଜ) ଏକ ସେମିନାର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ବିଭିନ୍ନ ଜିଲ୍ଲାରୁ ମୋଟ ୪୨ ଜଣ ବିଚାରକ ଭାଗ ନେଇଥିଲେ । ଏହି ଦୁଇ ଦିନିଆ ସେମିନାରରେ ବିଶେଷଜ୍ଞ ଙ୍କ ଦ୍ୱାରା ଟାଉଲୁ (ଇଭେଣ୍ଟ) ଏବଂ ସାଣ୍ଡା (ଫାଇଟ) ର ପ୍ରାକଟିକାଲ ସହିତ ଭିଡିଓ ବିଶ୍ଳେଷଣ ଏବଂ



ଅନ୍‌ଲାଇନ ପରୀକ୍ଷା ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା । ବିଶେଷଜ୍ଞ ଭାବରେ ଅନୁରାଧା ଦୋରା, ସୁଶାନ୍ତ ନାୟକ ଓ ଦିବ୍ୟାମୋହନ ପ୍ରଧାନ ଏବଂ ଅନ୍ତର୍ଜାତୀୟ ଉଷୁ ଏସ୍ ଅସ୍ ହରିଚନ୍ଦନ, ପ୍ରଦ୍ୟୁମ୍ନ ବେହେରା ଙ୍କ ମାର୍ଗ ଦର୍ଶନ ରେ ଏହି ସେମିନାର ପରିଚାଳିତ ହୋଇଥିଲା । ଏଥିରେ ବଲାଙ୍ଗିର ଜିଲ୍ଲାରୁ ଆଲୋକ ନାୟକ ଏବଂ ଯୁଧିଷ୍ଠିର ଗୁରହାଣ୍ଡି ସଫଳତା ର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ଉଦ୍‌ଯାପନି ଉତ୍ସବରେ କ୍ରୀଡା ବିଭାଗର କ୍ଷଣପ୍ରଭା ମହାନ୍ତି, ଓଡିଶା ହାଇକୋର୍ଟ ର ବରିଷ୍ଠ ଓକିଲ ସୂର୍ଯ୍ୟ ଦାସ ଅତିଥି ଭାବରେ ଯୋଗ ଦେଇଥିଲେ ବୋଲି ବଲାଙ୍ଗିର ଜିଲ୍ଲା ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇ ଥିବା ବେଳେ ସଂଘ ସଭାପତି ତପନ ପାଣିଗ୍ରାହୀ ଶୁଭେଚ୍ଛା ଜଣାଇଛନ୍ତି । ଆଜି ବଲାଙ୍ଗିର ଜିଲ୍ଲା ଖେଳ ଅଧିକାରୀ ଏସ୍.ଏସ୍ ଦାସ କୃତି ଉଷୁ ବିଚାରକ ଦ୍ୱୟଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି ।

# ନାମ୍ପୋ ହାଟ ଉପରେ ନିମ୍ନମାନର ହାଇ ମାକ୍ସ ଲାଇଟ୍ ଲଗାଇବାକୁ କେନ୍ଦ୍ର କରି ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ଜଳେଶ୍ୱର,୨୨।୭ :(ମନ୍ଥନ) ନାମ୍‌ପୋ ହାଟରେ ଜଳେଶ୍ୱର ଆର.ଏମ୍.ସି ପକ୍ଷରୁ ଲଗା ଯାଇଥିବା ହାଇ ମାକ୍ସ ଲାଇଟ୍ ଟି ଦୀର୍ଘ ୨/୩ ମାସ ଧରି ଜଳୁ ନ ଥିଲା ।ଫଳରେ ପ୍ରତ୍ୟେକ ସପ୍ତାହରେ ମଙ୍ଗଳବାର ଓ ଶୁକ୍ରବାର ଦିନ ବସୁଥିବା ହାଟକୁ ଆସୁଥିବା ବ୍ୟବସାୟୀ, ପରିବା ବିକାଳୀ ଓ ଜନସାଧାରଣ ନାହିଁ ନଥିବା ହଇରାଣ ହେଉଥିଲେ ।ଫଳରେ ସେଠାରେ ଆର.ଏମ୍.ସି ପକ୍ଷରୁ ନିୟୋଜିତ କର୍ମଚାରୀ ପୂର୍ଣ୍ଣେନ୍ଦୁ ଦାସଙ୍କୁ ଏହି ସମସ୍ୟା ସମ୍ପର୍କରେ ନାମ୍‌ପୋ ପଂଚାୟତ ବିଜେପି ସଭାପତି ଜଗଦୀଶ ପ୍ରଧାନ,ପୂର୍ବତନ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଉପସଭାପତି ଆରତୀ ଦାସ,ବରିଷ୍ଠ ଆଇନଜୀବୀ ସୁକୁମାର ରଣା,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦତ୍ତ,ବିଜେପି ନେତା କେଦାର ଚନ୍ଦ୍ର ପରିଡ଼ା,ସତ୍ୟରଞ୍ଜନ ରଣା,ସତ୍ୟ(ସାଗର) ଦାସ,ସ୍ୱରୂପ ସିଂହ,ବିମଳ ଲୋଚନ ଭୂୟାଁ,ଜଗନ୍ନାଥ ଜେନା, ମଧୁସୂଦନ ଦେ,ଗୟା ପ୍ରସାଦ ଦତ୍ତ,ଗୌତମ ଜେନା,ଓ୍ୱାର୍ଡ ସଭ୍ୟା ସୁନୀତା ପ୍ରଧାନ,ପୁଷ୍ପଲତା ରଣା, ସଞ୍ଚୟିତା ରଣା,ସତ୍ୟଭାମା ରଣା ପ୍ରମୁଖ ବାରମ୍ବାର ଅବଗତ କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁଆର.ଏମ୍.ସି ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।ମାତ୍ର ଦୀର୍ଘ ଦିନର ବ୍ୟବଧାନ ପରେ ଆର.ଏମ୍.ସି ପକ୍ଷରୁ ଗତକାଲି ନୂଆ ହାଇମାକ୍ସ ଲାଇଟ୍ ଲଗାଇବା ବଦଳରେ ଏକ କମ୍ କ୍ଷମତା ସମ୍ପନ୍ନ ଏଲ.ଇ.ଡି ଲାଇଟ୍ ଲଗାଇବା ପରେ ଜନ ଅସନ୍ତୋଷ ଦେଖା ଦେଇଛି ।କେଉଁ ପରିସ୍ଥିତିରେ ପୂର୍ବରୁ ଥିବା ହାଇମାକ୍ସ ଲାଇଟ୍ ବଦଳରେ ଏଲ.ଇ.ଡି ଲାଇଟ୍ ଲଗାଗଲା ସେ ସମ୍ପର୍କରେ କର୍ମଚାରୀ ମାନେ ସଠିକ୍ ଉତ୍ତର ଦେଇ ପାରୁନାହାନ୍ତି ।ଅପର ପକ୍ଷରେ ଆର.ଏମ୍.ସି ଦ୍ୱାରା ଉକ୍ତ ସାପ୍ତାହିକ ହାଟ ପରିଚାଳିତ ହେଉଥିବା ବେଳେ ପ୍ରତ୍ୟେକ ବ୍ୟବସାୟୀ ଓ ଦୋକାନୀ ମାନଙ୍କ ଠାରୁ ଆର.ଏମ୍.ସି କର୍ମଚାରୀ ମାନେ ହଜାର ହଜାର ଟଙ୍କା ଆଦାୟ କରୁଥିଲେ ମଧ ଜଣେ ଦୁଇ ଜଣଙ୍କୁ ଛାଡିଦେଲେ ସମସ୍ତଙ୍କୁ ହାଟ ମହାସୁଲ ଟିକେଟ ପ୍ରଦାନ କରା ଯାଉନାହିଁ ବୋଲି ବିଜେପି ନେତା ଜଗଦୀଶ ପ୍ରଧାନ ଅଭିଯୋଗ କରିଛନ୍ତି ।ଏହି ଅଭିଯୋଗ ସମ୍ପର୍କରେ ଆଜି ଜଳେଶ୍ୱର ଗସ୍ତରେ ଆସିଥିବା ଆର.ଏମ୍.ସି ଚେୟାରମ୍ୟାନ ତଥା ଉପଜିଲ୍ଲାପାଳ ଶିବମାଲବ୍ୟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତୁରନ୍ତ ହାଇମାକ୍ସ ଲାଇଟ୍ ଲଗାଇବା ପାଇଁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ମାତ୍ର କେବେ ନାମ୍‌ପୋ ହାଟରେ ଉଚ୍ଚ କ୍ଷମତା ସମ୍ପନ୍ନ ହାଇମାକ୍ସ ଲାଇଟ୍ ଲାଗୁଛି ତାହା ଦେଖିବାକୁ ବାକି ରହିଲା ?

# ଟ୍ରଲର କୁ ପଛ ପଟୁ ଧକ୍କା ଦେଲା ପିକ୍ ଅପ୍ ଭ୍ୟାନ, ଜଣେ ଗୁରୁତର

ଛେଣ୍ଡିପଦା,୨୨।୭ :(ମନ୍ଥନ)ଅନୁଗୋଳ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା ଅନ୍ତର୍ଗତ ସାଆନ୍ତ ରାପୁର ଗ୍ରାମ ସ୍ଥିତ ଜିନ୍ଦଲ କମ୍ପାନୀ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣା ଘଟି ଯାଇଛି । ସୂଚନା ଯୋଗ୍ୟ ଯେ, ଓଡ଼ି ୩୫ ଜେ ୯୦୦୮ ନମ୍ବର ବିଶିଷ୍ଟ ଏକ ଚେନ୍ ମେସିନ ବୋଝେଇ ଟ୍ରଲର ଗାଡ଼ି ଆଜକୁ ପ୍ରାୟ ୬/୭ ଦିନ ହେବ ବ୍ରେକ୍ ଡାଉନ୍ ତଥା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରାସ୍ତା ଉପରେ ଛିଡା ହୋଇଥିଲା । ତେବେ ସମ୍ବଲପୁର ଆଡୁ ଅନୁଗୋଳ ଅଭିମୁଖେ ଆସୁଥିବା ଏକ ପରିବା ବୋଝେଇ ପିକ ଅପ୍ ଭ୍ୟାନ ଗାଡ଼ି ନମ୍ବର ସିଜି ୦୬ ଜି ଜେଡ୍ ୩୧୬୬ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ଟ୍ରଲର ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଘଟଣା



ସ୍ଥଳରେ ପିକ ଅପ୍ ଭ୍ୟାନ ଗାଡ଼ି ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଅତ୍ୟନ୍ତ ବିପଦ ପୂର୍ଣ୍ଣ ଭାବେ ଗାଡ଼ି ଚାଳକ ଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଖବର ପାଇ ଜରପଡା ଥାନା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି । ପ୍ରକାଶ ଯେ , ଜାତୀୟ ରାଜପଥ ପାର୍ଶ୍ୱରେ ଅଧିକାଂଶ ସ୍ଥାନରେ ଯାନ୍ତ୍ରୀକ ତୃଟି ଯୋଗୁଁ ଭାରିଯାନ ଗୁଡ଼ିକ ଦୀର୍ଘ ଦିନ ଧରି ବିନା ସଙ୍କଟରେ ଅଟକି ରହୁଥିବା ଲକ୍ଷ୍ୟ କରାଯାଉଛି । ଏଥିଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସ୍ଥାନୀୟ ପୋଲିସ ପ୍ରଶାସନ ଏପରିକି ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏଥିପ୍ରତି କୌଣସି ତଦାରଖ କାର୍ଯ୍ୟ କରାଯାଉନଥିବା ନେଇ ବୁଦ୍ଧିଜୀବି ମହଲରେ ଉଦବେଗ ପ୍ରକାଶ ପାଇଛି ।

# ସରକାରୀ ମହାବିଦ୍ୟାଳୟ ବୁଲିଲେ ନରସିଂହ

ବଲାଙ୍ଗିର,୨୨।୭ :(ମନ୍ଥନ) ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ରେ ପହଂଚି ସେଠାରେ ଅଧକ୍ଷ, ଅଧ୍ୟାପକ ଓ ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ବିଶେଷ କରି ମହିଳା କଲେଜର ପରିଚାଳନା, ଭିତ୍ତିଭୂମିର ଅଭାବ, ଶିକ୍ଷାଦାନ ର ଗୁଣବତ୍ତା ତଥା ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଆଲୋଚନା ବେଳେ କଲେଜ ଅଧକ୍ଷ ନାକ ସ୍ୱିକୃତି ପାଇଁ କ୍ଷେତ୍ର ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ । ଏଠାରେ ଥିବା ଯୁକ୍ତ ଦୁଇ ବିଭାଗକୁ ସରକାରୀ ବାଳିକା



ବିଦ୍ୟାଳୟ ସହ ଯୋଡି ଶିକ୍ଷାଦାନ ର ବ୍ୟବସ୍ଥା କଲେ ମହିଳା କଲେଜର ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗ ଗୁଡିକ ରେ ଶିକ୍ଷାଦାନ ଆହୁରି ସୁଗମ ହେବ ବୋଲି ଆଲୋଚନା ହୋଇଥିଲା । ୨୦୧୯ ମସିହା ପୂର୍ବରୁ ଏଠାରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ଖୋଲାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ନିୟମିତ ଅଧାପକ ନ ଥିବା ଅତି ଦୁଃଖଜନକ ବୋଲି ଶ୍ରୀ ମିଶ୍ର କହିଥିଲେ । ଯଦିଓ ସେହି ସମୟରେ ବଲାଙ୍ଗିର ର କିଛି ସାଧାରଣ ନାଗରିକ ଓ ଶିକ୍ଷାବିତ୍ ଙ୍କ ଦାବି ଯୋଗୁଁ ତାଙ୍କ ପ୍ରଚେଷ୍ଟାରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ଖୋଲିଲା ତଥାପି ମଧ ସେ ସମୟରେ ବିଧାନସଭାରେ ବାରମ୍ବାର ଯୁକ୍ତ ଦୁଇ ବିଜ୍ଞାନ ପାଇଁ ଅଧାପକ ନିଯୁକ୍ତି ଦାବି କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ଗୋଟିଏ ମଧ ନିୟମିତ ଅଧାପକ ସରକାର ଦେଇନାହାନ୍ତି । ଏହାକୁ ନେଇ ସେ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ସହ ପୁଣି ଆଲୋଚନା କରିବେ ବୋଲି କହିଥିଲେ । ଛାତ୍ରୀ ଉପସ୍ଥାନ, ପରୀକ୍ଷା ଫଳ, ଶୃଙ୍ଖଳା ଜ୍ଞାନ ତଥା ନିୟମିତ ଶିକ୍ଷାଦାନ କୁ ନେଇ ଶ୍ରୀ ମିଶ୍ର ସନ୍ତୁଷ୍ଟି ପ୍ରକାଶ କରିଥିଲେ କିନ୍ତୁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଘୋର ଅଭାବ ଥିବା ଏଠାରେ ଜଣାପଡିଥିଲା । ଶ୍ରେଣୀ ଗୃହ ପାଇଁ ଅଧିକ କୋଠା ଦରକାର ବୋଲି ୨୭ କୋଟି ଟଙ୍କା ଅଟକଳର ଏକ ପ୍ରସ୍ତାବ ବିଭାଗ କୁ ଯାଇଛି । ସେ ଉପରେ ବିଭାଗ ସହ ଶ୍ରୀ ମିଶ୍ର ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏ ଅବସରରେ ଶ୍ରୀ ମିଶ୍ର ଅଡିଟରିୟମ ରେ ଯୁକ୍ତ ଦୁଇ, ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଙ୍କ ସହ ଶିକ୍ଷାଦାନ ଏବଂ ଅନ୍ୟାନ୍ୟ ଶିକ୍ଷା ସମସ୍ୟା ଉପରେ ମତ ବିନିମୟ କରିଥିଲେ । ଆଲୋଚନା ଶେଷରେ କଲେଜର ସମସ୍ୟା ସମ୍ବଳିତ ଏକ ଚିଠା ପ୍ରସ୍ତୁତ କରି ତାଙ୍କୁ ପ୍ରଦାନ କଲେ ଏହାକୁ ସେ ଉପଯୁକ୍ତ ଫୋରମରେ ତାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଅଧକ୍ଷ, ଅଧାପକ ଓ ଛାତ୍ର ଛାତ୍ରୀମାନଙ୍କୁ ଶ୍ରୀ ମିଶ୍ର ପ୍ରତିଶୃତି ଦେଇଛନ୍ତି । ଆଲୋଚନା ବେଳେ କଲେଜ ଅଧକ୍ଷ ଡ. ଅରବିନ୍ଦ ଓଝା, ଅଧାପକ ବିଭୁତି ଭୂଷଣ ସାହୁ ଙ୍କ ସମେତ ଅଧାପିକା ଓ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବିରେ ବିକ୍ଷୋଭ

ଯାଜପୁର,୨୨।୭ :(ମନ୍ଥନ)ସଂଯୁକ୍ତ କିସାନ ମୋର୍ଚ୍ଚା ଆହ୍ୱାନରେ ସର୍ବଭାରତୀୟ ପ୍ରତିବାଦ ଦିବସ ଯାଜପୁର କଲେକ୍ଟର ଅଫିସ ସମ୍ମୁଖରେ ପାଳନ କରାଯାଇଅଛି । ଅଲ୍ ଇଣ୍ଡିଆ କିସାମ କ୍ଷେତ ମଜଦୁର ସଂଗଠନ (ଏ.ଆଇ.କେ.କେ.ଏମ୍.ଏସ୍) ପକ୍ଷରୁ ଯାଜପୁର ଜିଲ୍ଲାରେ ବି.ଜେ.ପି. ସରକାର ଆଣୁଥିବା ଭାରତ ଆମେରିକା ବାଣିଜ୍ୟ ଚୁକ୍ତିକୁ ବାତିଲ କରିବାକୁ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଷୀମାନେ ମେଡିକାଲ ଛକ ନିକଟରେ ଏକଯୁଟ୍ ହୋଇ ଏକ ସୁସଜ୍ଜିତ ପଟୁଆରରେ ଆସି କଲେକ୍ଟର ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବି ୧) ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ କରାଯାଉ । ୨) ରିହାତି ସୂତ୍ରରେ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ଚାଷୀମାନଙ୍କୁ ଯୋଗାଇ ଦିଆଯାଉ । ୩) ଷଣ୍ଢ ମାନଙ୍କୁ




ବ୍ଲକ ସ୍ତରରେ ଗୋଶାଳା ନିର୍ମାଣ କରି ଆବଶ୍ୟକୀୟ ଖାଦ୍ୟ ପାନୀ ବ୍ୟବସ୍ଥା ସହ ରଖାଯାଉ । ୪) ଗ୍ରାମ ଯୋଜନା ବାତିଲ୍ କରି ଏମ୍.ଜି.ଏନ୍.ଆର୍.ଇ.ଜିଏ ଅଧିନରେ ମୂଲିଆ ମାନଙ୍କୁ ଦୈନିକ ୬୦୦ ଟଙ୍କା ବଜୁରି ଦିଆଯାଉ । ୫) ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ମାସିକ ୧୦,୦୦୦ ଟଙ୍କା ଭତ୍ତା ଦିଆଯାଉ । ୬) ଯାଜପୁର ଠାରୁ ଜଳ ନିଷ୍କାସନର ଏକାମତ୍ର ରାସ୍ତାକୁ ହଳପଡ଼ା ନିକଟରେ ସୁଇସ୍ ଗେଟ ପକାଇ ମାଛ ଧରୁଛନ୍ତି, ତୁରନ୍ତ ସମସ୍ତ ଗେଟ୍ ଖୋଲାଯାଇ ପାଣି ନିଷ୍କାସନ କରାଯାଉ । ନଚେତ ହଜାର ହଜାର ଚାଷୀଙ୍କର ଧାନ ତଳି ଓ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ । ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ସଂଗଠନର ଜିଲ୍ଲା ସେକ୍ରେଟାରି ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ନେଇ ତୁରନ୍ତ ଏହାର ପ୍ରତିକାର କରିବା ପାଇଁ ଦୃଢ଼ ଦାବି ଜଣାଇଥିଲେ । ଏବଂ ସଂଗଠନର ସଭାପତି ଚୈତନ୍ୟ ସାହୁଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ରାଜ୍ୟ ସଭାପତି କମ୍ରେଡ ସଦାଶିବ ଦାସ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତି ବିରୁଦ୍ଧରେ ଆଲୋଚନା କରିବା ସହିତ କୃଷକ ମାନଙ୍କ ପ୍ରତି ବିଚସ୍ପୃହ ମନୋଭାବର ତୀବ୍ର ସମାଲୋଚନା କରିଥିଲେ । ସଂଗଠନର ସମ୍ପାଦକ ଅଚ୍ୟୁତ ପ୍ରଧାନଙ୍କ ସମେତ ପ୍ରଫୁଲ୍ଲ ବେହେରା, କୀର୍ତ୍ତନ ଜେନା, ରାଜକିଶୋର ନାଥ, ବିଶ୍ୱନାଥ ସାହୁ, ପବିତ୍ର ସାହୁ, ନାରାୟଣ ସାହୁ ସମେତ ବହୁ ବକ୍ତା ବକ୍ତବ୍ୟ ରଖିବା ସହିତ ଆଗାମୀ ଦିନରେ ଦୁର୍ବାର ଚାଷୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ ।

# ମହୁରୀ କାଳୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୨୨।୭ :(ମନ୍ଥନ)କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବାଲିପଡ଼ା ମହୁରୀ କାଳୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅଧକ୍ଷ ଡ଼ଃ ପ୍ରସନ୍ନ କୁମାର ବିଷୋୟୀଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ଲାଞ୍ଜିଆ ସମିତି ସଭ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ କାହ୍ନୁ ଚରଣ ପାତ୍ର ଏବଂ ସ୍ଥାନୀୟ ଯୁବ ସମାଜସେବୀ ସଞ୍ଜୟ କୁମାର ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।



ପରିବର୍ତ୍ତିତ ପରିବେଶ, ଜଳବାୟୁ ଅସନ୍ତୁଳନ ଜନିତ ସମସ୍ୟାର ଏକମାତ୍ର ଉପାୟ ହେଉଛି ବହୁଳ ବୃକ୍ଷରୋପଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସମସ୍ତ ବ୍ୟକ୍ତିବିଶେଷ ତଥା ଯୁବ ସମାଜ ଏଥିପ୍ରତି ଆଗଭର ହୋଇ ଏକ ସୁନ୍ଦର ସବୁଜ ବଳୟ ସୃଷ୍ଟି କରିବାରେ ବ୍ରତୀ ହେବାପାଇଁ ଶପଥ ପାଠ କରାଇଛନ୍ତି । ଇକୋ କ୍ଲବ ସମ୍ପାଦକ ଡ଼ଃ ଶିବାନନ୍ଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା , ଛାତ୍ରଛାତ୍ରୀ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ ।

# 'ନବୀନ'ର ବ୍ରହ୍ମପୁର ମହାନଗର କାର୍ଯ୍ୟାଳୟ ଉଦଘାଟିତ

ବ୍ରହ୍ମପୁର,୨୨।୭ :(ମନ୍ଥନ) ବ୍ରହ୍ମପୁରରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା ସର୍ବପୁରାତନ ସମ୍ବାଦପତ୍ର ସାପ୍ତାହିକ 'ନବୀନ'ର ମହାନଗର ଶାଖା କାର୍ଯ୍ୟାଳୟ ବୁଧବାର ସ୍ଥାନୀୟ ଟେଲିଫୋନ ଭବନ ପାର୍ଶ୍ୱ ନୀଳକଣ୍ଠ ବିଷୋୟୀ ଲେନ୍ ? ଠାରେ ଉଦଘାଟିତ ହୋଇଯାଇଛି । 'ନବୀନ'ର ସମ୍ପାଦକ ରବି ରଥ ଏହି କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ 'ନବୀନ' ସବୁବେଳେ ସାଧାରଣ ଜନତାଙ୍କ ସ୍ୱର ଭାବରେ ନିଜର ଭୂମିକା ତୁଲାଇ ଆସୁଛି ବୋଲି କହିଥିଲେ । 'ନବୀନ'ର ବ୍ରହ୍ମପୁର ସହର ପ୍ରତିନିଧି ରାମକୃଷ୍ଣ ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଡ଼. ବାୟାମନୁ ଚର୍ଚ୍ଚି ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ




ଗଠନ ଏବଂ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ନବୀନର ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ସ୍ୱତନ୍ତ୍ର ବାର୍ତ୍ତାର ସମ୍ପାଦକ ଜ୍ୟୋତି ରଂଜନ ମହାପାତ୍ର ନବୀନର ଇତିହାସକୁ ଦୋହରାଇବା ସହ ପତ୍ରିକା ଶତବାର୍ଷିକୀ ପାଳନ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମୀନକେତନ ଜେନା, ସ୍ତମ୍ଭକାର ଦେବୀ ପ୍ରସାଦ ମହାପାତ୍ର, ଆମ୍ ? ଆଦମୀ ପାର୍ଟିର ଗଞ୍ଜାମ ଜିଲା ସମ୍ପାଦକ ଆଦିତ୍ୟ ନାରାୟଣ ରଥ, କବି ବଂଶୀଧର ସେଠୀ, ସମାଜସେବୀ କିଶୋର ଚନ୍ଦ୍ର ପାତ୍ର, ଆଶିଷ ଜେନା, ପବିତ୍ର କୁମାର ଚୌଧୁରୀ, ମାନସ ରଂଜନ ତ୍ରିପାଠୀ, ସିଏଚ୍ ? ମୋହନ ରାଓ, ସୁଶାନ୍ତ କର, ଆଇନଜୀବୀ ରାଜ କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନବୀନର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ । ଶେଷରେ 'ନବୀନ'ର ବ୍ରହ୍ମପୁର ସହର ପ୍ରତିନିଧି ରାମକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚମ୍ପିୟାନସିପ୍

ବଲାଙ୍ଗିର,୨୨।୭ :(ମନ୍ଥନ)ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ବଲାଙ୍ଗିର ଆନୁକୁଲ୍ୟରେ ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚମ୍ପିୟାନସିପ୍ ଆଜି ତୃତୀୟ ଦିନର ଖେଳ ରେ ପ୍ରାୟତ ସମସ୍ତ ବିଭାଗର ଫାଇନାଲ ଲାଇନଅପ ଚୁଡାନ୍ତ ହୋଇଯିବ । ଏ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତାରେ ୧୯ ବର୍ଷରୁ କମ୍ ବାଳକ ଫାଇନାଲରେ ବିଜୟ ଗୁଡିଆ ଙ୍କ ସହ ଶ୍ରୀୟାଂଶ କେଜ୍ରିଓ୍ୱାଲ ଫାଇନାଲ ମୁକାବିଲା ହେବ । ୬୫ ବର୍ଷ ଫାଇନାଲ ରେ ଗୋପାଳ ପଣ୍ଡା ଓ ସନାତନ ହାତୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ୧୫ ବର୍ଷ ବାଳିକା ଫାଇନାଲରେ ରିଚା ଅଗ୍ରଓ୍ୱାଲ ଆଲିସା ସାହୁଙ୍କୁ ଭେଟିବେ । ବରିଷ୍ଠ ବର୍ଗ ପୁରୁଷ ଡବଲ୍ସ ରେ ପିୟୁଷ ନାଗ ସାଥୀ ବିନୀତ ନାଏକ ଓ ନିଖିଲ ସୁନା ସାଥୀ ହିମାଂଶୁ ହାତୀଙ୍କ ସହ ଅନୁଷ୍ଠିତ ହେବ । ୬୦ବର୍ଷ ଭେଟରାନ ଡବଲ୍ସ ରେ ଡା.ବେଣୁଧର ପାଣ୍ଡେ ସାଥୀ ପ୍ରଦୀପ ସାହୁ ଓ ଗୋପାଳ ପଣ୍ଡା ସାଥୀ ସନାତନ ହାତୀଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ୫୦ ବୟସ ବର୍ଗ ସିଙ୍ଗିଲ୍ସ ଫାଇନାଲରେ ସଂଗ୍ରାମ ବେହେରାଙ୍କ ସହ ଡା. ଦିପକ ବାରିକଙ୍କ ମଧ୍ୟରେ ମୁକାବିଲା ହେବ । ୫୫ ବର୍ଷ ବର୍ଗରେ ଡବଲ୍ସ ଖେଳାଳି ଡା. ବେଣୁଧର ପାଣ୍ଡେ ଓ ଘନଶ୍ୟାମ ମିଶ୍ର ଭେଟରାନ ଖେଳାଳି ସଂଗ୍ରାମ ବେହେରା ଓ ଡା. ଦିପକ ବାରିକଙ୍କୁ ଭେଟିବେ । ୩୫ ବର୍ଷ ବର୍ଗରେ ଥବିର ସାହୁ ଓ ଶିବୁନ ରଥ ଙ୍କ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବର୍ତ୍ତମାନ ଲେବେଲ-୩ ୟନେକ୍ସ ସନ୍‌ରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ନୂଆକରି ବ୍ୟାଡମିଣ୍ଟନ ଖେଳୁଥିବା ସ୍କୁଲ ଖେଳାଳିମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଛି ଆଜି ତାହାର ଫାଇନାଲ ଖେଳ ମଧ ଅନୁଷ୍ଠିତ ହେବ । ଏହି ଖେଳର ଉଦ୍ଦେଶ୍ୟ ହେଲା କେବେ ବ୍ୟାଡ ମିଣ୍ଟନ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଏହି ଖେଳ ପ୍ରତି ଉତ୍ସାହ ସୃଷ୍ଟି କରିବ । ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଉଥିବା ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଜାତୀୟ ତଥା ରାଜ୍ୟ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ରେଫରିମାନେ ନିଯୁକ୍ତ ହୋଇଛନ୍ତି । ଖେଳର ସୁପରିଚାଳନା ପାଇଁ ଅନ୍ୟମାନଙ୍କ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଅନନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱରେ ଅଛନ୍ତି । ମୁଖ୍ୟ ରେଫରି ଭାବେ ଜାତୀୟ ଗ୍ରେଡ-୨ ରେଫରି ହେମନ୍ତ ପ୍ରଧାନ ଏବଂ ଡେପୁଟି ରେଫରି ଭାବେ ଚନ୍ଦ୍ର ଶେଖର ମିଶ୍ର ନିଯୁକ୍ତ ହୋଇଛନ୍ତି । ସଟଲ କଣ୍ଟ୍ରୋଲ ଭାବେ କାସିମ ଇକ୍‌ବାଲ, ପ୍ରକାଶ ସାହୁ, ରେଶନ ଜୈନ, ଆଶିଷ ଦର୍ଜୀ, ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗଦାନ କରିଛନ୍ତି । ୨୨ ତାରିଖ ପୂର୍ବାହ୍ଣରୁ ସମସ୍ତ ବିଭାଗର ଫାଇନାଲ ପ୍ରତିଯୋଗିତା ଆରମ୍ଭ ହୋଇଯିବ ବୋଲି ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘର ସାଧାରଣ ସଂପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି ।

# ଭାରତ - ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବିରେ ଡେଲାଙ୍ଗ ତହସିଲ ଅଫିସ ସମ୍ମୁଖରେ ଏଆଇକେକେଏମଏସ ର ବିକ୍ଷୋଭ

ଡେଲାଙ୍ଗ, ୨୨।୭ :(ମନ୍ଥନ)ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଆହ୍ୱାନରେ ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୂର ସଂଗଠନ ( ଏ,ଆଇ,କେ,କେ,ଏମ,ଏସ) ପକ୍ଷରୁ ଡେଲାଙ୍ଗ ତହସିଲ ଅଫିସ ସମ୍ମୁଖରେ ଏକ ବିକ୍‌ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭ ସମୟରେ କର୍ମୀମାନେ ଭାରତର ପର୍ଲାମେଣ୍ଟ ରେ ହେବାକୁ ଯାଉଥିବା ଭାରତ - ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବି ଉପରେ ଜୋରଦାର ବିରୋଧ ପ୍ରଦର୍ଶନ କରି ସ୍ଲୋଗାନ ଦେଇଛନ୍ତି । ଏ,ଆଇ,କେ,କେ,ଏମ,ଏସ,ର ପୁରୀ ଜିଲ୍ଲା ସମ୍ପାଦକ କମ୍‌ରେଡ଼ ସୁବାସ ବରାଳ,ବ୍ଲକ ସଭାପତି କମ୍‌ରେଡ୍ ଦୀନବନ୍ଧୁ ପରିଡ଼ା ଓ ସମ୍ପାଦକ କମ୍‌ରେଡ୍ ବଟକୃଷ୍ଣ ସ୍ୱାଇଁ ସେମାନଙ୍କ ବକ୍ତବ୍ୟ ରେ କହିଛନ୍ତି ଯେ ଏହି ଚୁକ୍ତି ସ୍ୱାକ୍ଷରିତ ହେଲେ ଏ ଦେଶର କର୍ପୋରେଟ ପୁଞ୍ଜିପତି ବିଶେଷକରି ଆଦାନୀ,ଅମ୍ବାନି, ଟାଟା ପ୍ରଭୁତି ଏକଚାଟିଆ ପୁଞ୍ଜିପତି ମାନେ ଅଧିକ ଲାଭବାନ ହେବେ ।ଆମେରିକାରୁ ଖାଦ୍ୟଦ୍ରବ୍ୟ ଶସ୍ତାରେ ଆମଦାନୀ କରି ଦେଶରେ ଅତ୍ୟଧିକ ମୂଲ୍ୟରେ ବିକ୍ରି କରିବେ । ଏହାର କାରଣ ଦର୍ଶାଇବାକୁ ଯାଇ ସେମାନେ କହିଛନ୍ତି ଯେ




ବର୍ତ୍ତମାନ ଭାରତ ସରକାରଙ୍କ ପାଖରେ ଖାଦ୍ୟ ସଂରକ୍ଷଣ ଗୋଦାମ ନାହିଁ । ଦେଶର ସରକାରୀ ଗୋଦାମ ଗୁଡ଼ିକ ଘରୋଇ କମ୍ପାନୀ ମାନଙ୍କୁ ବିକ୍ରି କରି ଦିଆଯାଇଛି । ସରକାର ଚାଷୀଙ୍କର ଶସ୍ୟ ଖରିଦ କରିବେ ନାହିଁ । ଏହା ଦ୍ୱାରା ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ବକ୍ତା ମାନେ ନିଜର ମତ ରଖିଥିଲେ । ଏହି ଦାବି ବ୍ୟତୀତ ବୁଲା ଷଣ୍ଢ ମାନଙ୍କୁ ସରକାରଙ୍କ ତରଫରୁ ଗୋଶାଳା ନିର୍ମାଣ କରି ଥଇଥାନ କରିବା,୬୦ ବର୍ଷରୁ ଉର୍ଦ୍ଧ ଚାଷୀଙ୍କୁ ମାସିକ ୧୦ହଜାର ଟଙ୍କା ଭତ୍ତା ପ୍ରଦାନ କରିବା,ବିହନ,ସାର୍,କୀଟନାଶକ,କୃଷିଯନ୍ତ୍ର ପାତି ରିହାତି ମୂଲ୍ୟରେ ଚାଷୀଙ୍କୁ ଯୋଗାଇଦେବା ଆଦି ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ତହସିଲଦାର ଡେଲାଙ୍ଗ ଦେବୀ ପ୍ରସାଦ ଆଚାର୍ଯ୍ୟ ଙ୍କୁ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କମ୍‌ରେଡ୍ ପଦ୍ମ ଚରଣ ଜେନା,ତ୍ରିନାଥ ପ୍ରଧାନ ପ୍ରମୁଖ ବରିଷ୍ଠ କର୍ମୀମାନେ ମଧ ଉପସ୍ଥିତ ଥିଲେ ।

# ପରିତ୍ୟକ୍ତ ଅବସ୍ଥାରେ କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ଚିନ୍ତା ବଢାଇଲାଣି ଅସ୍ୱାସ୍ଥ୍ୟକର ପରିବେଶ

ଖଣ୍ଡପଡା, ୨୨।୭ :(ମନ୍ଥନ) ଖଣ୍ଡପଡା ବ୍ଲକ ଖଳିସାହି ଗ୍ରାମରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗ କେନାଲରୁ ଜଳ ନିଷ୍କାସନ କରାଯାଉନଥିବା ଅଭିଯୋଗ ହୋଇଛି । ଫଳରେ କେନାଲ ପାଖରେ ଥିବା ଜନବସତି ଅସ୍ୱାସ୍ଥ୍ୟକର ପରିବେଶରେ ଦିନ ବିତାଉଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଖଣ୍ଡପଡାରୁ କଣ୍ଟିଲୋ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତା ଖଳିସାହି ଗ୍ରାମର ବାମ ପାର୍ଶ୍ୱରେ କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ରହିଛି । ରାସ୍ତାର ବାମ ପାର୍ଶ୍ୱରୁ କେନାଲ ଟି ଅପରପାର୍ଶ୍ୱକୁ ସଂଯୋଗ କରୁଥିବା ବେଳେ ଦୀର୍ଘଦିନ



ଧରି ଅବହେଳିତ ଅବସ୍ଥାରେ ରହିଛି । ଯାହାଫଳରେ ପଞ୍ଚାୟତ ଅଧୀନ ଇଛାପୁର ଓ ବରଡାବାରି ଗ୍ରାମକୁ ଜଳସେଚନ ବ୍ୟବସ୍ଥା ବର୍ଷ ବର୍ଷ ଧରି ବନ୍ଦ ରହିଛି । ତେବେ କେନାଲ ପୁନରୁଦ୍ଧାର କରାନଯିବା ଯୋଗୁଁ ବର୍ଷାଜଳ ଜମି ରହି ଡ୍ରେନର ଭ୍ରମ ସୃଷ୍ଟି କରୁଛି । ଅନ୍ୟପକ୍ଷରେ ବର୍ଜ୍ୟଜଳ ଜମିରହି ଦୁର୍ଗନ୍ଧଯୁକ୍ତ ପରିବେଶ ସୃଷ୍ଟି କରିଥିବା ବେଳେ କଳବଳ ହେଉଛନ୍ତି ସ୍ଥାନୀୟ ବାସିନ୍ଦା । ମାସ ମାସ ଧରି କେନାଲରେ ଜମି ରହିଥିବା ଅପରିଷ୍କାର ଜଳରେ ମଶା ଓ ମାଛି ବଂଶ ବିସ୍ତାର କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି । ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ଓସିସି ପକ୍ଷରୁ ସେଠାରେ ସିମେଣ୍ଟ ରାସ୍ତା ନିର୍ମାଣ କରାଯାଇଥିବା ବେଳେ କିନ୍ତୁ କେନାଲର ପୁନରୁଦ୍ଧାର ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ କେନାଲ ପୁନରୁଦ୍ଧାର ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ଗ୍ରାମବାସୀ ।



# ଶୁଳିଆପଦା ବିଜେପି ଯୁବ ମୋର୍ଚ୍ଚାର ନେତୃତ୍ୱ ନେଲେ ଜୟଦେବ

ମୋରଡ଼ା,୨୨।୭ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା ମଣ୍ଡଳ ଭାରତୀୟ ଜନତା ପାର୍ଟିର ଯୁବ ସଭାପତି ଭାବେ ଉଦୟମାନ ଯୁବ ନେତା ଜୟଦେବ ମହାନ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ଯୁବ ସଭାପତି ଅଭିଳାଷ ପଣ୍ଡା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଭାପତି ନୀହାର ମୋଦୀ ଏବଂ ଜିଲ୍ଲା ଯୁବ ସଭାପତି ସୁରଜ ଲୁହାରଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଘୋଷଣା କରିଛନ୍ତି।ଜୟଦେବ ମହାନ୍ତ ଉଫାଲଗାଡିଆ ପଂଚାୟତର ଜଣେ ସକ୍ରିୟ ବିଜେପି କର୍ମକର୍ତ୍ତା। ସେ ଦୁଇ ଥର ବିଜେପି ପଞ୍ଚାୟତ ପ୍ରମୁଖ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଏଥି ସହିତ କଣ୍ଟିସାହି ପଞ୍ଚାୟତର ଜିପି ପ୍ରଭାରୀ ଭାବେ ମଧ୍ୟ ଗୁରୁଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ନିଯୁକ୍ତି ଖବର ପ୍ରଚାର ହେବା ପରେ ଶୁଳିଆପଦା ମଣ୍ଡଳ ତଥା ଆଖପାଖ ଅଞ୍ଚଳର ଯୁବ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଓ ଖୁସିର ଲହରୀ ଖେଳିଯାଇଛି। ବହୁ ଯୁବକ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ନିଯୁକ୍ତି ପରେ ପ୍ରତିକ୍ରିୟା ଦେଇ ଜୟଦେବ ମହାନ୍ତ କହିଛନ୍ତି, 'ଦଳର ବରିଷ୍ଠ ନେତୃତ୍ୱ ମୋ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାକୁ ମୁଁ ସମ୍ମାନ ଦେବି। ଆଗକୁ ତୃଣମୂଳ ସ୍ତରୁ ଆହୁରି ଦଳକୁ ମଜଭୁତ କରିବା ସହ ଯୁବପିଢ଼ିଙ୍କୁ ଦଳ ସହ ଯୋଡ଼ିବା ମୋର ପ୍ରାଥମିକତା ରହିବ।' ଦଳୀୟ ସୂତ୍ରୁ ଜଣାପଡ଼ିଛି ଯେ ଯୁବଙ୍କ ମଧ୍ୟରେ ଲୋକପ୍ରିୟତା ଏବଂ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ସେ ଶୁଳିଆପଦା ମଣ୍ଡଳରେ ଯୁବ ମୋର୍ଚ୍ଚାକୁ ଆହୁରି ସକ୍ରିୟ କରିବେ ବୋଲି ଆଶା କରାଯାଉଛି।



# ଗୋରେଖନାଥ ପୀଠରେ ଜଳାଭିଷେକ ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୨୨।୭ :(ମନ୍ଥନ) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଶ୍ରାବଣ ଜଳାଭିଷେକ ନିମନ୍ତେ ଲକ୍ଷାଧିକ କାଉଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ବୁଧବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏଥିରେ ଅଧ୍ୟକ୍ଷତା କରିଥିଲେ।ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଜାଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ତିର୍ତ୍ତୋଲ ଏସଡିପିଓ ଅଜୟ ଦାସ,ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡ଼ା ବିଶ୍ୱକସେନ ଖୁଣ୍ଟିଆ ଓ ରଘୁନାଥପୁର ପାନୀୟଜଳ ବିଭାଗ,ତିର୍ତ୍ତୋଲ ଟିପିସିଓଡିଏଲ ଓ ଜଗତସିଂହପୁର ମ୍ୟୁନିସପାଲିଟି ପକ୍ଷରୁ



ପ୍ରତିନିଧିମାନେ ଉପସ୍ଥିତ ଥିଲେ।ଚଳିତ ବର୍ଷ କାଉଡିଆଙ୍କ ପାଣିଭାର ପୀଠ ବାହାରେ ରଖିବା ପାଇଁ ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପାଇଥିଲା।ସେହିପରି ପର୍ଯ୍ୟାପ୍ତ ପାନୀୟଜଳ, ଚତୁର୍ପାର୍ଶ୍ୱ ଆଲୋକିକରଣ,କାଉଡିଆଙ୍କ ରହିବା ପାଇଁ ଟେଣ୍ଟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।ଏହାଛଡା ଅସ୍ଥାୟୀ ଶୌଚାଳୟର ମରାମତି ସହ ବ୍ଲିଚିଂ ମହଜୁଦ ରଖିବା ଏବଂ ଫାଷ୍ଟେଡ ସୁବିଧା ଉପଲବ୍ଧ ପାଇଁ ଆଲୋଚନା ହୋଇଥିଲା।ଏଥିସହ ଶୃଙ୍ଖଳିତ ପାଣି ଢ଼ାଳିବା ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ଼ ଓ ପୋଲିସ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା।ଏତଦବ୍ୟତୀତ ବିଭିନ୍ନ ପାର୍ଶ୍ୱରୁ ପୀଠକୁ ଆସିବାକୁ ଥିବା ରାସ୍ତାର ମରାମତି ସହ ସଫେଇ ଏବଂ ସ୍ୱେଚ୍ଛାସେବି ସଂଗଠନ ପକ୍ଷରୁ ସେବା ଯୋଗାଇଦେବା ନିମନ୍ତେ ଆଲୋଚନା ହୋଇଥିଲା।ଏଥିରେ ପୀଠ ଉପଦେଷ୍ଟା କମିଟି ପକ୍ଷରୁ ପ୍ରମୋଦ ମହାନ୍ତି,ସୁରେନ୍ଦ୍ରନାଥ ସ୍ୱାଇଁ,ବିଜୟ ସ୍ୱାଇଁ,ସୁଶାନ୍ତ ଦାଶ,ସେବାୟତ ଦିଲୀପ କୁମାର ପଣ୍ଡା,ଜ୍ଞାନରଞ୍ଜନ ପଣ୍ଡା, ଗୋଲେଖ ବିହାରୀ ଦାଶ,ରମେଶ ଚନ୍ଦ୍ର ଦାଶଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବି ଉପସ୍ଥିତ ଥିଲେ।ପୀଠ କିରାଣୀ ସରୋଜ କୁମାର ସାହାଣୀ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।ପରବର୍ତ୍ତୀ ସମୟରେ ଉପଜିଲ୍ଲାପାଳ ତରାଇ ଓ ଏସଡିପିଓ ଦାସ ପୀଠରେ ପହଞ୍ଚି ସମସ୍ତ କାର୍ଯ୍ୟ ତଦାରଖ କରିବେ ବୋଲି ସ୍ଥିର ହୋଇଥିଲା।

# ଭାଗବତ ସପ୍ତାହ ପାରାୟଣ କଲେ ମଣିଷ ଜୀବନ ସୁଦୃଢ଼ ହୁଏ

କେନ୍ଦ୍ରାପଡ଼ା,୨୨।୭ :(ମନ୍ଥନ) ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ପାରାୟଣକୁ ଉଦଘାଟନ କରି କହିଲେ ଭାଗବତ ମହାପୁରାଣ ସପ୍ତାହ ବିଧିବିଧାନ ଭାବରେ ପାରାୟଣ କଲେ ରାଜ୍ୟ, ଦେଶ ତଥା ସାରା ବିଶ୍ୱରେ ନିଶ୍ଚିତ ମଙ୍ଗଳ ହିଁ ମଙ୍ଗଳ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଭାଗବତ ପଠନ ମଣିଷର ମନ ଓ ଶରୀରକୁ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିବା ସହ ଜୀବନ ଗଠନରେ ସହାୟକ ହୋଇଥାଏ ବୋଲି ଶ୍ରୀମା ପ୍ରବଚନ ଦେଇ କହିଛନ୍ତି। ଶୁକ ପରିକ୍ଷିତ ସମ୍ବାଦ ଚରିତ୍ରରେ ଆମକୁ ଏହି ଶିକ୍ଷା ମିଳିଥାଏ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିଶ୍ୱାତ୍ମାନନ୍ଦ ଗିରି ଯୋଗଦେଇ ଭାଗବତର ୪ଟି ଅକ୍ଷରକୁ ବର୍ଣ୍ଣନା କରିଥିଲେ।

# ଦାଦାକୁ ପୁତୁରାର ଆକ୍ରମଣ

ବଳଙ୍ଗା,୨୨।୭ :(ମନ୍ଥନ)ବଳଙ୍ଗା ଥାନା ଅନ୍ତର୍ଗତ ଦକ୍ଷିଣସାହି ଗ୍ରାମରେ ପୁତୁରା ଆକ୍ରମଣରେ ଦାଦା ଆହତ ହେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଦକ୍ଷିଣସାହି ଗ୍ରାମର ଅପର୍ତ୍ତି ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଅପର୍ତ୍ତିଙ୍କ ବଡ଼ ଭାଇଙ୍କ ସାନ ପୁଅ ଧୁଶାସନ ବେହେରା ଅନେକ ସମୟରେ ଅପର୍ତ୍ତିଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ମାରିବାକୁ ଧମକ ଦେଉଥାଏ। ଗତ ସୋମବାର ଦିନ ଅପର୍ତ୍ତି ବିଲରେ କାମ କରୁଥିଲା ବେଳେ ଅଭିଯୁକ୍ତ ଧୁଶାସନ ସେଠାକୁ ଯାଇ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିଥିଲା। ଅପର୍ତ୍ତି ପ୍ରତିବାଦ କରିବାରୁ ଅଭିଯୁକ୍ତ ହାତରେ ଧରିଥିବା କଟୁରୀରେ ହାଣିବାକୁ ଗୋଡାଇଥିଲା। ଭୟରେ ଅପର୍ତ୍ତି ଘରକୁ ପଳାଇ ଆସିଥିଲେ। ଅଭିଯୁକ୍ତ ମଧ୍ୟ ଘରେ ପହଞ୍ଚି ହାଣିବାକୁ ଉଦ୍ୟମ କରିବା ବେଳେ ଅପର୍ତ୍ତି କଟୁରୀ ଛଡ଼ାଇ ଫିଙ୍ଗି ଦେଇଥିଲେ । ଫଳରେ ଧୁଶାସନ ତାଙ୍କ ମୁହଁକୁ ମୁଥ ମାରିବାରୁ ଅପର୍ତ୍ତିଙ୍କ ଦାନ୍ତ ଭାଙ୍ଗି ଯାଇଥିଲା। ପରିବାର ଲୋକେ ଧୁଶାସନକୁ କାବୁ କରି ଅପର୍ତ୍ତି ଙ୍କୁ ଚିକିତ୍ସା ନିମନ୍ତେ ପୁରୀ ମେଡ଼ିକାଲକୁ ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ଦିଗପହଣ୍ଡି ରେ ଖେମୁଣ୍ଡି ଲୋକ ମହୋତ୍ସବ ଉଦଯାପିତ

କୁକୁଡାଖଣ୍ଡି , ୨୨।୭ :(ମନ୍ଥନ)ଦିଗପହଣ୍ଡି ବଜାର ଗାନ୍ଧୀ ଛକ ଠାରେ ସୋମବାର ଠାରୁ ଦୁଇ ଦିନ ବ୍ୟାପୀ ଚାଲିଥିବା ଖେମୁଣ୍ଡି ଲୋକ କଳା ମହୋତ୍ସବ ମଙ୍ଗଳବାର ରାତିରେ ଉଦଯାପିତ ହୋଇଯାଇଛି।ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ପ୍ରହଲ୍ଲାଦ ନାଟକର ପରିବେଷଣ ଭିତ୍ତିକ କର୍ମଶାଳା କୁ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗର ପ୍ରାକ୍ତନ ଉପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ ଙ୍କ ବଳିଷ୍ଠ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ସାହିତ୍ୟକ ତଥା ସଂସ୍କୃତି ଗବେଷକ ଡ଼. ଲମ୍ବୋଦର ପାଣିଗ୍ରାହୀ, ଲୋକ ସଂସ୍କୃତି ଗବେଷକ ମନ୍ମଥ କୁମାର ଶତପଥି , ଐତିହାସିକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ, ଭାରତ ଲୀଳା ଲୋକନାଟ୍ୟ ଗୁରୁ ସନ୍ତୋଷ କୁମାର ପାଢ଼ୀ ଯୋଗଦେଇ ପୌରାଣିକ ପ୍ରହଲ୍ଲାଦ ନାଟକ ବା ରଜା ନାଟକର ଉତ୍ପତ୍ତି, ଇତିବୃତି ଓ ରାଗ ରାଗିଣୀ ର ବିଶ୍ଲେଷଣ କରିଥିଲେ। ଏହି କର୍ମଶାଳାରେ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିବା ପ୍ରହଲ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସିମାଞ୍ଚଳ ପାତ୍ର ୯୯ ବର୍ଷ ବୟସ ରେ ମଧ୍ୟ ପ୍ରହଲ୍ଲାଦ ନାଟ ପରିବେଷଣ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ସେହିପରି ଅପରାହ୍ନରେ ଦିଗପହଣ୍ଡି ସନ୍ଥ ଅରକ୍ଷିତ ଦାସ ବସଷ୍ଟାଣ୍ଡ ଠାରୁ ଲୋକକଳା ଶୋଭାଯାତ୍ରା ଦାସକାଠିଆ ଲୋକନୃତ୍ୟ ଗୁରୁ ବିପିନ ବିହାରୀ ଦାଶ ଏବଂ



କମିଟିର ଉପାଧ୍ୟକ୍ଷ ବିଶ୍ୱନାଥ ଚୌଧୁରୀ ପରିଚାଳନା କରିଥିଲେ। ରାତି ପ୍ରାୟ ସାଢେ ୮ ଟାରେ ଆୟୋଜିତ ସାଂସ୍କୃତିକ ସଭା ରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପାଳ ଭି . କିର୍ତ୍ତୀ ଭାସନ ଯୋଗଦେଇ ଖେମୁଣ୍ଡି ଅଞ୍ଚଳର ସାଂସ୍କୃତିକ ବୈଭବ କୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ସେହିପରି ଦିଗପହଣ୍ଡି ସହରରେ ଖୁବ୍ ଶୀଘ୍ର ସଂସ୍କୃତି ଭବନ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗବେଷକ ଡ . ଅନନ୍ତରାମ କର କୌଣ୍ଡନ୍ୟ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା , ଜିଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ , ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ , କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ ବିଡ଼ିଓ ଅନାମିକା ପାଣ୍ଡେ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର , ବଡଖେମୁଣ୍ଡି ରାଜକୁମାର ସିଦ୍ଧାନ୍ତ ଗଙ୍ଗଦେବ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ସଭାରେ ସଭାପତିତ୍ୱ କରିଥିବା ବେଳେ ଆଇନଜୀବୀ କୁରେଶୁ ପଣ୍ଡା ସଂଯୋଜନା କରିଥିଲେ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କଳାକାର ମାନଙ୍କ ସହ କମିଟି କାର୍ଯ୍ୟକର୍ତ୍ତା ଆଇନଜୀବି କୁରେଶୁ ପଣ୍ଡା,ଅଶେଷ ନାଥ ମିଶ୍ର,ହର ପ୍ରସାଦ ରଥ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ କମିଟିର କୋଷାଧ୍ୟକ୍ଷ ରଘୁନାଥ ପାଣିଗ୍ରାହୀ , ଆଇନଜୀବି ଅଶେଷ ନାଥ ମିଶ୍ର , ହରପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିବା ବେଳେ କମିଟିର ସଦସ୍ୟ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗଞ୍ଜାମ ବ୍ଲକରେ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନର ଶୁଭାରମ୍ଭ

ଗଞ୍ଜାମ,୨୨।୭ :(ମନ୍ଥନ)ରାଜ୍ୟ ସରକାରଙ୍କ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନ୍ତର୍ଗତ ଗଞ୍ଜାମ ବ୍ଲକ ପ୍ରଶାସନ ପକ୍ଷରୁ ପୋଇରାଶି ପଞ୍ଚାୟତର ଛୋଟବସା ଛକ ଠାରେ ଏକ ବ୍ୟାପକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଉନ୍ନୟନ ଅଧିକାରୀ ଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ।ଏହି ଅବସରରେ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ବେହେରା, ପଞ୍ଚାୟତ ଚଡ ପଞ୍ଚାନନ ସେଠୀ, GRS ପ୍ରଦୀପ ଦଳେଇ, ଶିକ୍ଷକ ଡି. ଶୁକ୍ଳ ରେଡ୍ଡୀ ଓ ବନବାସ ଖୁଣ୍ଟିଆ, ସମାଜସେବୀ ନିରାକାର ମହାରଣା, ଛୋଟବସା ବଣିଜ ସଂଘ, ଛୋଟବସା ଅଟୋ ସଂଘ, ଇଘଗ ଜୋସ୍ନା ରାଣୀ ପଲେଇ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ପ୍ରାଣୀମିତ୍ର, କୃଷିମିତ୍ର, ଉଜଚ, SHG ମହିଳା, MBK ରଜେନ୍ଦ୍ରୀ କୁମାରୀ ରେଡ୍ଡୀ, ଶ୍ୟାମ ଦାସ, ତ୍ରିନାଥ ରେଡ୍ଡୀ, ଡି. ଆରେୟା ରେଡ୍ଡୀ, ଜିତୁ ବେଜ, ଶିଲୁ ସାହୁ, ଅର୍ଜୁନ ରେଡ୍ଡୀ, ଏ. ସନ୍ତୋଷ କୁମାର ରେଡ୍ଡୀ କମଳ କୁମାର ବାରିକ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।ଉପସ୍ଥିତ ସମସ୍ତେ ସ୍ୱଚ୍ଛତାର ଶପଥ ଗ୍ରହଣ କରିବା ସହ ନିଜ ପରିବେଶକୁ ସଫା-ସୁତୁରା ରଖିବା, ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ଓ ସୁସ୍ଥ ଗଞ୍ଜାମ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ।'ସ୍ୱଚ୍ଛ ଗାଁ, ସୁସ୍ଥ ସମାଜ — ଆମ ସମସ୍ତଙ୍କ ଦାୟିତ୍ୱ' ଏହି ବାର୍ତ୍ତା ସହ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।



# ଅଦ୍ୱୈତ ପ୍ରସାଦ ସିଂହ ସ୍ମୃତି ପରିଷଦ ଏବଂ ସମ୍ବାଦ- ଆମ ଓଡିଶା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର

## ୧୨୦ ୟୁନିଟ୍ ସଂଗୃହୀତ

ଅନୁଗୋଳ,୨୨।୭ :(ମନ୍ଥନ) ବଁଅରପାଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ସମ୍ବାଦ -ଆମ ଓଡିଶା ଏବଂ ଅଦ୍ୱୈତ ପ୍ରସାଦ ସିଂହ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲାର ପ୍ରତିଷ୍ଠାତା, ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବରପୁତ୍ର, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ଅଷ୍ଟାଦଶ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଅରୁଣାଭ ସିଂହଙ୍କ ନେତୃତ୍ୱରେ ଏକ ସ୍ୱ ?ଛାକୃତ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ ଯୋଗ ଦେଇ ଶିବିର କୁ ଉଦଘାଟନ କରିଥିଲେ । ଏଥିରେ ବଁଅରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ରାଜ୍ୟ ବିଜେଡ଼ି ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ଜିଲ୍ଲା ବିଜେଡ଼ି ସମ୍ପାଦକ ସୁବାଷ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ବିଜେଡ଼ି ସମ୍ପାଦକ ଉଛବ ଦେହୁରୀ, ବଁଅରପାଳ ଥାନା ଭାରପ୍ରାପ୍ତ ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ, ବଁଅରପାଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଲୋଚନ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ କୁମୁରିସିଂହା ଦୁର୍ଯ୍ୟୋଧନ ସାହୁ, ସରପଞ୍ଚ ଗୋତମରା ମଣ୍ଟୁ ବରାହ, ପୂର୍ବତନ ଛାତ୍ର ବିଜେଡ଼ି ସଭାପତି ରାଜୀବ ଲୋଚନ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ଶେଖର ଜିତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ରାକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବଁଅରପାଳ ବ୍ଲକର ଯୁବ ଓ ଛାତ୍ର ବିଜେଡ଼ି ସଦସ୍ୟ ଗଣ ଶିବିରରେ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିର ରେ ୧୨୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । 'ସମ୍ବାଦ' ବଁଅରପାଳ ବ୍ଲକ ପ୍ରତିନିଧି ତ୍ରିଲୋଚନ ନାଏକ ଶିବିର କୁ ସହଯୋଗ କରିଥିଲେ । ଅନୁଗୋଳ ଜିଲ୍ଲା ରକ୍ତଭଣ୍ଡାର ପକ୍ଷରୁ ଡ଼ କୌଶିକ ପାତ୍ର, ଲ୍ୟାବ୍ ଟେକ୍ନିସିଆନ୍ ଲଳିତ କୁମାର ବେହେରା, ଜିତେନ୍ ଦାସ, ଷ୍ଟାଫ୍ ନର୍ସ ମନୋରମା ସାହୁ, ଦୀପ୍ତି ରାଣୀ ସାହୁ, କାଉନ୍ସିଲର ହରିଶ୍ଚନ୍ଦ୍ର ଜେନା, ଏସ ଡବ୍ଲ୍ୟୁ ରମେଶ ପାତ୍ର,



ଆଟେଣ୍ଡାଣ୍ଟ କାମାକ୍ଷା ପ୍ରାସାଦ ସାହୁ, ଅଭୟ କୁମାର ବେହେରା, ଡ୍ରାଇଭର ସୁକାନ୍ତ ସାହୁ ଶିବିର ପରିଚାଳନା ରେ ସହ ଯୋଗ କରିଥିଲେ । ଅରୁଣାଭ ସିଂହ, ଅମିତ୍ କୁମାର ମିଶ୍ର,ବଳରାମ ସାହୁ,ସୁଶାନ୍ତ କୁମାର ସିଂହ, କ୍ଷିତୀଶ କୁମାର ଅମାନ୍ତ, ଗିରୀଶ ସାହୁ, ସୁଶୀଲ ଭୂତିଆ, ପ୍ରତାପ ନାଏକ, ସ୍ମିତି ପ୍ରଜ୍ଞା ସାହୁ, ସଦା ସାହୁ, ବିକାଶ ବେହେରା, ସୁରେଶ ଚନ୍ଦ୍ର ସାହୁ, ଜିତେନ୍ଦ୍ର ନାଏକ, ଅମରେଶ ପାଣିଗ୍ରାହୀ, ସନ୍ଦୀପ ସାହୁ,ରଞ୍ଜିତ କୁମାର ବରାହ, ମାନସ ନାଥ,ପ୍ରଦ୍ୟୁମ୍ନ ସାହୁ, ଶିବରାମ ସାହୁ, ରଶ୍ମି ରଞ୍ଜନ ମାଝୀ, ସୁଭାଶିଷ ପରିଡା, ପ୍ରଭାତ ସାମଲ,ଆଦିତ ପରିଡା, ଚିନ୍ମୟ ବରାଳ, ରଞ୍ଜନ କୁମାର ସାମଲ, ରାଜେଶ ସାହୁ, ଅନିଲ କୁମାର ନାଏକ, ବିକାଶ ବେହେରା, ଯୋଶବନ୍ତ ବେହେରା, ସୁଶାନ୍ତ ପରିଡା, ବିବେକାନନ୍ଦ ସାହୁ, ସନ୍ଦୀପ ବିଷୋଇ, ରୁଲା ସାହୁ,ଶିତିକା ବେହେରା, ଦୁର୍ଗା ପ୍ରାସାଦ ସିଂହ, ହାଡ଼ିବନ୍ଧୁ ବେହେରା, ବିରଞ୍ଚି ବାରିକ, ଅଶିଶ ପ୍ରଧାନ, ବିଶ୍ୱରଞ୍ଜନ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସାହୁ, ବିଶ୍ୱମ୍ଭର ଦଳାଇ, ସୁଶାନ କୁମାର ସିଂହ, ଅର୍ଜୁନ ସାମଲ, ବିନୋଦ କୁମାର ସେଠୀ, ସଞ୍ଜୟ ମହାପାତ୍ର, ହେମନ୍ତ ଗୁରୁ, ପ୍ରାସିନ ସ୍ୱାଇଁ, ରଞ୍ଜିତ ରାଓ, ପ୍ରଦ୍ୟୁମ୍ନ ପ୍ରଧାନ, ସୁଶ୍ରୀତ ମାଝୀ, ଲମ୍ବୋଦର ପ୍ରଧାନ, ସତ୍ୟମ ମାଝୀ, ପ୍ରତ୍ୟୁଷ ବେହେରା, ସୁଶୀଲ ପାତ୍ର, ଗନ୍ଧର୍ବ ବେହେରା, ପ୍ରଣାସ ବାଗ, ପୂର୍ଣ୍ଣ ଚନ୍ଦ୍ର ନାଏକ, ଜିତେଶ କୁମାର ସାମଲ, ସଞ୍ଜିତ କୁମାର ସାମଲ, ଶିବୁ ସିଂହ, ସୁମନ ଦେହୁରୀ, ମୀନ କେତନ ପରିଡା, ବିଜୟ ସାମଲ,ରଜତ ରାଉତ, ପବିତ୍ର ସାହୁ, ପ୍ରଶାନ୍ତ ସେନାପତି, ଦୀପା ବେହେରା, ଦୀପା ସାହୁ, ସୁଶାନ୍ତ କୁମାର ପାଣି, ନିତ୍ୟା ନନ୍ଦ ବରାଳ, ତପନ କୁମାର ସେଠୀ, ସୁଜନ ସାହୁ, ସୂର୍ଯ୍ୟକାନ୍ତ ମଲିକ, ଓମ ପ୍ରକାଶ ନାୟକ, ଆଦିତ୍ୟ ପ୍ରସାଦ ନାୟକ,ଶୁସେନ ଗଡ଼ନାୟକ, ପ୍ରକାଶ କୁମାର ବେହେରା, ଜୟ ରଞ୍ଜନ ବେହେରା, ବିଶ୍ୱ ରଞ୍ଜନ ବରାଳ, ଲକ୍ଷ୍ମଣ ସାହୁ, ଅରୂପାନନ୍ଦ ସାହୁ, ସସ୍ମିତ ସାହୁ, କାହ୍ନା ସାହୁ, ମାତୃ ପ୍ରସାଦ ସେନାପତି, ସୌମ୍ୟ ରଞ୍ଜନ ବିଶ୍ୱାଳ, ରିତେଶ କୁମାର ରାଏ, ପ୍ରସନ ବିଶ୍ୱାଳ, ସନତ ବିଶ୍ୱାଳ, ପ୍ରଦୀପ କୁମାର ବରାହ, ବିକାଶ ସାହୁ, ସୁଜିତ୍ ବେହେରା, ଗୋବିନ୍ଦ ଚନ୍ଦ୍ର ସିଂହ, ରଞ୍ଜିତ ବେହେରା, ଆଲୋକ ଦଳ ବେହେରା, ସୁଶାନ୍ତ ବେହେରା ।

# ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ସଚିବଙ୍କ ତିନି ଦିନିଆ ଜଗତସିଂହପୁର ଗସ୍ତ

ଜଗତସିଂହପୁର, ୨୨।୭ :(ମନ୍ଥନ) ଆଜି ପୂର୍ବାହ୍ନ ରେପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ସଚିବ ଶ୍ରୀ ଗିରିଶ ଏସ. ଏନ,ଭା ପ୍ର ସେ ତିନି ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତ ରେ ଆସି ପ୍ରଥମ ଦିନ ରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତିର୍ତ୍ତୋଲ ଶଂଖେଶ୍ୱର ରୋଡ ରେ ଥିବା ମହାନଦୀ ବ୍ରିଜ , ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ ଏରସମା ବ୍ଲକ ନିମନ୍ତେ ମଞ୍ଜୁର ହୋଇଥିବା ମେଗା ପାଇପ ୱାଟର ପ୍ରୋଜେକ୍ଟ ବୁଲି ଦେଖିବା ସହ ଏହାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗିୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ମା ଶାରଳା ଙ୍କ ଦର୍ଶନ କରି ମନ୍ଦିର ଉନ୍ନତିକରଣ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ସାରଳା ଦାସ ଙ୍କ ସମାଧି ପୀଠ, ବିରିଡ଼ି ବ୍ଲକ ଅନ୍ତର୍ଗତ ଯଶୋବନ୍ତ ଗାଦି ପରିଦର୍ଶନ କରି ପଞ୍ଚସଖା କରିଡ଼ର ଉନ୍ନତି କାର୍ଯ୍ୟ ର ସମୀକ୍ଷା



କରିଥିଲେ।ଅପରାହ୍ନ ରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟପୁର ଠାରେ ବୟନ ଗ୍ରାମ ଓ ଅମୃତା ଡେରି ଫାର୍ମ ପରିଦର୍ଶନ କରିଥିଲେ। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କ ସହ ଆଲୋଚନା କରିଥିଲେ। ବୟନ ଗ୍ରାମ ର କାରିଗର ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସୁବିଧା ଅସୁବିଧା ସଂପର୍କ ରେ ପଚାରି ବୁଝିଥିଲେ।ଭି ବି ଜି ରାମଜୀ ଯୋଜନା ଅନ୍ତର୍ଗତ ଏହାର ମରାମତି ସହ ନୂତନ ଗୃହ ନିର୍ମାଣ ନିମନ୍ତେ ପରାମର୍ଶ ଦେଇଥିଲେ।ବୟନିକା ଉତ୍କଳିକା ସହ ଯୋଗାଯୋଗ କରି କାର୍ଯ୍ୟକାରିତା ବୃଦ୍ଧି ସହ ବିକ୍ରୟ ବଜାର ସୃଷ୍ଟି ପାଇଁ ଗୁରୁତ୍ୱାରୋପ କରିଥିଲେ।ସେହିପରି ଅମୃତା ଡେରି ଫାର୍ମ ରେ କାର୍ଯ୍ୟ କରୁଥିବା ମା ମାନଙ୍କ ସହ ଆଲୋଚନା କରିବା ସହ ଫାର୍ମ ର କାପାସିଟି ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲ୍ଲେ, ତିର୍ତ୍ତୋଲ ବି ଡି ଓ ଗିରିଜା ଶଙ୍କର ମଲ୍ଲିକ,ରଘୁନାଥପୁର ବି ଡି ଓ ବିରଞ୍ଚି ନାରାୟଣ ବେହେରା, ଡିପିସି ମିଶନ ଶକ୍ତି ସୌମ୍ୟ ରଞ୍ଜନ ବିଶ୍ୱାଳ, ଡେପୁଟି ସି ଇ ଓ ଓରମାସ ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆସନ୍ତା କାଲି ପୂର୍ବାହ୍ନ ରେ ଗାନ୍ଧୀଛକ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ପରେ ପାରାଦ୍ୱୀପ ଗସ୍ତ କରି ବ୍ଲୁ ଫ୍ଲାଗ ବିଚ୍, IOCL, JSW ପ୍ଲାଣ୍ଟ ସହ ଟ୍ରକ୍ ଟର୍ମିନାଲ ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୨୩ ତାରିଖ ଦିନ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲା ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

# ରାଜନୈତିକ ଅଭିସନ୍ଧି ଭିତରେ ମଙ୍ଗଳା ମହାବିଦ୍ୟାଳୟ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ, ଅଧ୍ୟକ୍ଷ ପଦକୁ ନେଇ ଛକାପଞ୍ଝା

କାକଟପୁର, ୨୨।୭ :(ମନ୍ଥନ) କାକଟପୁର ସ୍ଥିତ ସର୍ବପୁରାତନ ମହାବିଦ୍ୟାଳୟ ଭାବେ ମାନ୍ୟତା ପ୍ରାପ୍ତ ମଙ୍ଗଳା ମହାବିଦ୍ୟାଳୟ ସୁନାମର ଶୀର୍ଷରେ ପହଞ୍ଚିଥିଲେ ମଧ୍ୟ କଲେଜ ପରିଚାଳନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି କ୍ଷ ପୂର୍ବତନ ଅସୁସ୍ଥ ଅଧ୍ୟକ୍ଷ ଗହର ଆବେଦିନ ଙ୍କର କୋଣାର୍କ ସ୍ଥିତ ଭଗବତୀ ମହାବିଦ୍ୟାଳୟ କୁ ବଦଳି ହୋଇଥିବା ବେଳେ ଅଧ୍ୟକ୍ଷଙ୍କ ନୂତନ ଦାୟିତ୍ୱ ହସ୍ତାନ୍ତର କୁ ନେଇ ବିବାଦ ଉପୁଜିଛି । କଲେଜ ଅଧ୍ୟାପକ ଙ୍କ ମଧ୍ୟରେ ବରିଷ୍ଠତା ଭିତ୍ତିରେ ଦାୟିତ୍ୱ ହସ୍ତାନ୍ତରକୁ ନେଇ ପ୍ରତିଯୋଗିତା ଚାଲିଥିଲେ ମଧ୍ୟ କନିଷ୍ଠ ଅଧ୍ୟାପକ ମଧ୍ୟ ଏଥିରୁ ବାଦ ପଡ଼ିନାହାନ୍ତି । ମଙ୍ଗଳା ମହାବିଦ୍ୟାଳୟ ରେ ଛାତ୍ରଛାତ୍ରୀ ମାନଙ୍କର ପାଠପଢାର ଭିତ୍ତିଭୂମି କୁ ସୁଦୃଢ଼ କରିବାପାଇଁ ବରିଷ୍ଠ ଓ କନିଷ୍ଠ ଦୃଷ୍ଟି ଦେଉନଥିବା ବେଳେ ଅଧ୍ୟକ୍ଷ ପଦ ପାଇଁ ନିଜ ନିଜ ଭିତରେ ପ୍ରତିଯୋଗିତା ତୀବ୍ର ହେବାରେ ଲାଗିଛି । ଉକ୍ତ ମହାବିଦ୍ୟାଳୟ ରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ବ୍ୟାପକ ହରିଲୁଟ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ତତକାଳୀନ ଅଧ୍ୟକ୍ଷ ଶ୍ରୀଯୁକ୍ତ ଆବେଦିନ ଗୋଟିଏ ଗୋଷ୍ଠୀ ଙ୍କୁ କଲେଜ ର ପରିଚାଳନା ଦାୟିତ୍ୱ ଦେଇଥିବା ବେଳେ ଅନ୍ୟ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରି ଭୋକ ବିକଳରେ ତାଟିଆ କାମୁଡୁ ଥିବାର ଚିତ୍ର ସାମ୍ନାକୁ ଆସିଛି । ଗତ ୩ ବର୍ଷ ଭିତରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆଶାନୁରୂପ ଫଳ ପାଇପାରିନଥିବାବେଳେ କଲେଜର ଗାରିମା ଅନ୍ଧାରକୁ ଠେଲି ହୋଇଯାଇଛି । ବିଶେଷ କରି ଅଧ୍ୟକ୍ଷ ପଦକୁ କେନ୍ଦ୍ର କରି ବିଜେପି ଓ ବିଜେଡି ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବାରୁ ମହାବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକଳାପ ପ୍ରଭାବିତ ହେଉଥିବା ଚର୍ଚ୍ଚା ହେଉଛି । ତଳିଆ କର୍ମଚାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପରିଚାଳନା କମିଟିର ନେତୃତ୍ୱକୁ ନେଇ ଦୀର୍ଘଦିନ ଧରି ମତଭେଦ ଲାଗି ରହିଛି। ଏହି ବିବାଦ ପଛରେ ରାଜନୈତିକ ପ୍ରଭାବ ରହିଥିବା ଅଭିଯୋଗ ମଧ୍ୟ ଉଠୁଛି। ଉଭୟ ପକ୍ଷ ନିଜ ନିଜ ଦାବିକୁ ସଠିକ୍ ବୋଲି କହୁଥିବା ବେଳେ ପରିସ୍ଥିତି କ୍ରମେ ଜଟିଳ ହେବାରେ ଲାଗିଛି।ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରି ସୁସ୍ଥ ପରିବେଶ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି।ତେବେ ବିବାଦର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଇଛି କି ନାହିଁ, ସେନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ସୂଚନା ମିଳିନାହିଁ। ଆଗାମୀ ଦିନରେ ପରିସ୍ଥିତି କେଉଁ ଦିଗକୁ ମୋଡ଼ ନେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେଣୁ ତୁରନ୍ତ ଉକ୍ତ ମହାବିଦ୍ୟାଳୟ ରେ ଅଣରାଜନୈତିକ ଅଧ୍ୟକ୍ଷ ଙ୍କୁ ସ୍ଥାୟୀ ନିଯୁକ୍ତି କରିବାକୁ ପୁରୀଜିଲ୍ଲା ଉପ ଜିଲ୍ଲାପାଳ ଙ୍କ ନିକଟରେ ସାଧାରଣ ରେ ଦାବୀ ହୋଇଛି ।

ଗୁରୁବାର ୨୩ ଜୁଲାଇ, ୨୦୨୬, ଭୁବନେଶ୍ୱର

Thursday 23 July,2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଦମ୍ ଦେଖାଇବ କଂଗ୍ରେସ

୧୨ ବର୍ଷର ଶାସନ କାଳ ମଧ୍ୟରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଦେଶ ପାଇଁ କଣ କରିଛି ତାହାର ଚିଖିନିଖି ହିସାବ କରିବେ ଜନତା ଓ ନିଷ୍ପେସିତ ଚାଷୀ, ମୂଲିଆ ଓ ମଜଦୂର, ଉପେକ୍ଷିତ ମହିଳା, ନିରାଶ ଯୁବଗୋଷ୍ଠୀ ମଧ୍ୟରେ ଅସନ୍ତୋଷ, ଆକ୍ରୋଷ ଓ ଆନ୍ଦୋଳନର ରୂପ ନେଲାଣି ଓ ସରକାରୀ କଳର ଦୂରୁପଯୋଗ, ପୋଲିସର ବର୍ବରତା ଆଉ ବରଦାସ୍ତ କରିବେନି ଜନତା ଓ ବିକାଶ ନାମରେ ଦେଶର ସମ୍ପତ୍ତିକୁ କେତେକ ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କ ହାତରେ ଟେକିଦେଇ ଦେଶର ବିନାଶ କଲେଣି ସରକାର ଓ ଅନ୍ୟ ଦଳର ଭ୍ରଷ୍ଟାଚାରୀ ନେତାଙ୍କୁ ନିଜ ଦଳରେ ଭର୍ତ୍ତି କରିବା, ଭୋଟ ଚୋରି କରିବା ଏପରିକି ମନ୍ଦିରରୁ ଲୁଟିବାରେ ନିର୍ଲଜତାର ସବୁ ସୀମା ପାର କରିସାରିଲେଣି ସରକାର ଓ ହିନ୍ଦୁ ଧର୍ମର ରକ୍ଷା ଓ ଦେଶର ସୁରକ୍ଷା ଆଦି ସମ୍ବେଦନଶୀଳ ପ୍ରସଙ୍ଗରେ ଭାରତୀୟଙ୍କୁ ଭୂଆଁ ବୁଲାଇ କେବଳ ସତ୍ତା ହାସଲ କରିବା ଲକ୍ଷ୍ୟ ନେଇ କାମ କରୁଛି ମୋଦି ସରକାର ଓ ଅଜସ୍ର ଟିକସ ଧନ ଖର୍ଚ୍ଚ କରି ୨୦୦୪ରୁ ରାହୁଲ ଗାନ୍ଧୀ ଓ ଗାନ୍ଧୀ -ନେହରୁ ପରିବାରକୁ ନୀଚ୍ଚା ଦେଖାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ସହିତ ନିଜକୁ ମହାମାନବ, ବିଶ୍ୱଗୁରୁ ରୂପେ ସଜାଇବା ପାଇଁ ଚାଟୁକାର ଗଣମାଧ୍ୟମ ଯାହା କିଛି କରିଛି ତାହା ଗଣତନ୍ତ୍ର ଓ ସମ୍ବିଧାନ ଉଭୟ ପ୍ରତି ଘୋର ବିପଦ ସୃଷ୍ଟି କରିଛି ଓ ବାରମ୍ବାର ନିଟ ପ୍ରଶ୍ନପତ୍ର ଲିକ ଘଟଣାରେ ୨୦ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ ମଧ୍ୟ ସରକାର ନିରବ ଓ ଜନ୍ତର ମନ୍ତରରେ ଅଭିଜିତ ଦୀପକେ ଓ ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ଲକ୍ଷାଧିକ ଯୁବକ ଏକାଠି ହେବା ଓ ସଂସଦ ଭବନ ପରିସରକୁ ମାର୍ଚ୍ଚ କରିବା ସମୟରେ ବର୍ବର ପୋଲିସର ଲାଠି ଚାର୍ଜ, ଲୁହ ବୁହା ବାଷ୍ପ ପ୍ରୟୋଗ ଯୁବ ସମାଜକୁ ଅଧିକ ଉତ୍ତେଜିତ କରିଛି ଓ ଆଗକୁ ସରକାର -ବିରୋଧୀ ବିରାଟ ଜନ ଆନ୍ଦୋଳନ ବିଜେପି -ଆରଏସଏସର ନିଦ ହଜାଇ ଦେଲାଣି ଓ ବିଜେପି ହଟାଓ, ଦେଶ ବଚାଓ ନାରା ଗଗନ ପବନରେ ପ୍ରକମ୍ପିତ ହେଲାଣି ଓ ଜାତୀୟ କଂଗ୍ରେସର ଆଗଧାଡିର ନେତାମାନେ ଆଗାମୀ ଦିନରେ ୨୮ ଟି ରାଜ୍ୟର ୮୦୦ ସହରରେ ବ୍ୟାପକ ଆନ୍ଦୋଳନ କରିବାର ନିଷ୍ପତ୍ତି ନେଇଛନ୍ତି ଓ ସମସ୍ତ ବିରୋଧୀ ଦଳ ଏକାଠି ହୋଇ କଂଗ୍ରେସକୁ ଖୋଲା ସମର୍ଥନ ଦେବାର ସମୟ ଆସିଛି ଓ କେବଳ କଂଗ୍ରେସ ବିଜେପିକୁ ଜାତୀୟ ଓ ରାଜ୍ୟ ସ୍ତରରୁ ଗାଦିଚ୍ୟୁତ କରି ସମ୍ବିଧାନ ଓ ଲୋକତନ୍ତ୍ରକୁ ରକ୍ଷା କରିପାରିବ ଓ ସମସ୍ତ ବିଜେପି -ବିରୋଧୀ ଆଞ୍ଚଳିକ ଦଳ ଏଥିପାଇଁ କଂଗ୍ରେସର ହାତକୁ ଆହୁରି ମଜବୁତ କରିବାକୁ ହେବ ଓ ଲୋକସଭାରେ ରାହୁଲ ଗାନ୍ଧୀ ବିରୋଧୀ ଦଳର ନେତା ଓ ତାଙ୍କରି ନେତୃତ୍ୱ ହିଁ ଭାରତକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିପାରିବ ଓ ସମାଜର ସବୁ ସ୍ତରର, ସବୁ ବର୍ଗର ଲୋକମାନଙ୍କ ସହିତ ଭାବାବେଗର ଆଦାନ ପ୍ରଦାନ କରିଛନ୍ତି ରାହୁଲ ଓ ଆଗାମୀ ଦିନରେ ଯେଉଁ ବିଶାଳ ଜନ ଆନ୍ଦୋଳନ ହେବ ତାହାକୁ ଫାସିବାଦ ବିରୋଧରେ ଭାରତର ସ୍ୱାଧୀନତା ସଂଗ୍ରାମ କୁହାଯାଇପାରେ ଓ ଦଳ, ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତ ବର୍ଗର ଜନତା ଏହି ଆନ୍ଦୋଳନର ଅଂଶୀଦାର ହେବା ଅତ୍ୟନ୍ତ ଜରୁରୀ ଓ ପରିବର୍ତ୍ତନର ହାୱା ବୋହିଲାଣି, ବିରୋଧର ସ୍ୱର ଶୁଭିଲାଣି ଓ ଗୋଲାମଗିରି ଭାରତର ଅର୍ଥନୀତିକୁ ଧ୍ୱଂସ କଲାଣି ଓ ସମ୍ପତ୍ତି ବିକ୍ରି ହୋଇଯିବା ପରେ ଦେଶ ବିକ୍ରି ହୋଇଯିବା ପୂର୍ବରୁ ୧୪୫ କୋଟି ଭାରତୀୟ ନିର୍ଣ୍ଣାୟକ ଲଢେଇ ପାଇଁ ହାତରେ ହାତ ମିଳାଇବା ଉଚିତ ।

# ବାହାନା ଧର୍ମେନ୍ଦ୍ର, ଟାର୍ଗେଟରେ ଉପଦ୍ରବ

## ସୌମେନ୍ଦ୍ର ଜେନା

ଗତ କିଛିଦିନ ଧରି ନିଟ ପେପର ଲିକ୍ ପରେ ଏକ ବଡ ଗୋଷ୍ଠୀଙ୍କୁ ଆନ୍ଦୋଳନର ନୂଆସୂତ୍ର ମିଳିଯାଇଛି । କେନ୍ଦ୍ର ସରକାରରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟେଇଦେଲେ ଯେମିତି ସବୁକିଛି ସମସ୍ୟାର ସମାଧାନ ହୋଇଯିବ ଠିକ୍ ସେମିତି ଏକ ଧାରଣା ସେମାନେ ସମଗ୍ର ଦେଶରେ ସୃଷ୍ଟି କରିବାକୁ ଚାହୁଁଛନ୍ତି । ପରୀକ୍ଷା ପେପର ଲିକ୍ ହେବା କେବଳ ନିଟ୍ ନୁହେଁ ଭିନ୍ନ ଭିନ୍ନ ରାଜ୍ୟରେ ଏବଂ ଭିନ୍ନ ଭିନ୍ନ ପରୀକ୍ଷାରେ ହୋଇଥିବା ଆମେ ଦେଖିଛୁ । ଓଡିଶାର ପିଲେ ହାଇଦ୍ରାବାଦ ଯିବାବେଳେ ଧରାପଡିବା, ପୁଲିସ ପରୀକ୍ଷାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ସେତେବେଳେ ଏହି ନେଟୱାର୍କକୁ ଧରିବାକୁ ପ୍ରୟାସ କରାଯାଇଥିଲା ଏବଂ ସେଥିରେ ଭୁବନେଶ୍ୱର ସିଆର୍‌ପିଛକରେ ଥିବା ଏକ କୋଚିଂ ସେଣ୍ଟରର ସଂପୃକ୍ତି ଥିବା ଜଣାପଡିଥିଲା । ପରେ ପରେ ଅନୁସନ୍ଧାନରୁ ଅନେକ ବ୍ୟକ୍ତିଙ୍କ ସଂପୃକ୍ତି ମଧ୍ୟ ଜଣାପଡିଥିଲା । ଠିକ୍ ସେମିତି ନିଟ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ପଛରେ ବହୁ ଲୋକଙ୍କ ସଂପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ମଧ୍ୟ ଧରା ନଯାଇଛି ତା ନୁହେଁ । ଯେହେତୁ ଦେଶର କୋଚିଂ ବଜାରରେ ଗୋଟିଏ ଗୋଟିଏ କୋଚିଂ କମ୍ପାନୀ ହଜାର ହଜାର କୋଟି ଟଙ୍କା ଆୟ କରୁଛନ୍ତି ସେମାନେ ସବୁବେଳେ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରିବାକୁ ଚାହିଁବେ । କାରଣ ନିଜ ପରୀକ୍ଷାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ପରୀକ୍ଷାରେ ସାହାଯ୍ୟ କରିପାରିଲେ ପରବର୍ଷ ଅଧିକ ଆଶାୟୀ କୋଚିଂ ସେଣ୍ଟରକୁ ଆସିବା ସହଜ ହେବ ଏବଂ କମ୍ପାନୀର ଆୟ ମଧ୍ୟ ବୃଦ୍ଧିପାଇବ । ଚଳିତବର୍ଷର ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ପରେ ଦେଶରେ ଆଉ ଏପରି ଘଟଣା ଯେ ଘଟିବ ନାହିଁ ତା ନୁହେଁ । କାରଣ ଆଗାମୀ ଦିନରେ କିପରି ଏହି କାର୍ଯ୍ୟ ଅଧିକ ଶୃଙ୍ଖଳିତ ଢଙ୍ଗରେ କରାଯାଇପାରିବ ତା'ର ସ୍କ୍ରିପ୍ଟ ଏବେ କୋଚିଂ କମ୍ପାନୀମାନେ ପ୍ରସ୍ତୁତ କରୁଛନ୍ତି । ସେଥିପାଇଁ ସେନାବାହିନୀ, ଗୋଇନ୍ଦା ବାହିନୀ ଏବଂ ପୁଲିସ ବାହିନୀରେ ଚାକିରୀ କରି ଅବସର ନେଇଥିବା ଅଧିକାରୀମାନଙ୍କୁ ଏହି କୋଚିଂ କମ୍ପାନୀମାନେ ସାରାଦେଶରେ ବାଛିବାଛି ନିଯୁକ୍ତି ଦେବାରେ ଲାଗିଛନ୍ତି । ଯେଉଁ ଅଧିକାରୀମାନେ ନିଜନିଜ ଜୀବନ କାଳରେ ଅନେକ ପ୍ରତିକୂଳ ପରିସ୍ଥିତିରେ ତଥ୍ୟ ଉଠାଇ ନିଜ ବିଭାଗକୁ ଯୋଗାଇଦେଇ ପାରୁଥିଲେ ଏବେ ସେମାନେ କୋଚିଂ ସେଣ୍ଟର ପାଇଁ ସେହି କାର୍ଯ୍ୟ ପରୀକ୍ଷାର ପ୍ରଶ୍ନପତ୍ର ସଂଗ୍ରହରେ କରିପାରିବେ ନାହିଁ, ସେମିତି କିଛି କଥା ନାହିଁ । ଯେହେତୁ କମ୍ପାନୀ ସେମାନଙ୍କୁ ମୋଟା ଅଙ୍କର ଅର୍ଥ ଦେଉଛି, ପ୍ରତିବଦଳରେ ସେମାନେ ଅତି ସହଜରେ ଏଭଳି ଢଙ୍ଗରେ ନିଜ କାର୍ଯ୍ୟ କରିବେ, ଯାହାର ଟେର କେହି ପାଇବେ ନାହିଁ । କାରଣ ସେମାନେ ପେସାଦାର ଅଧିକାରୀ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିବା ହେତୁ ଏସବୁ ସେମାନଙ୍କ ପାଇଁ ସହଜ ହେବ ।

ଯେହେତୁ ଆଗାମୀ ବର୍ଷ ଉତ୍ତର ଭାରତରେ ରାଜ୍ୟସ୍ତରୀୟ ନିର୍ବାଚିତ ହେବାକୁ ଯାଉଛି ସେଥିପାଇଁ ଏବେଠାରୁ କିଛି ଲୋକ ନିଜର କ୍ଷେତ୍ର ପ୍ରସ୍ତୁତିରେ ଲାଗିଛନ୍ତି । ଏହାଛଡା ଅନ୍ୟ କିଛି ଲୋକଙ୍କୁ ଦେଶରେ ନେତାକରି ଛିଡା କରିବା ପାଇଁ ବିଦେଶୀ ଲୋକେ ମଧ୍ୟ ଲାଗିପଡିଛନ୍ତି । ସେମାନେ ଗୋଟିଏ ବାହାନା ଖୋଜୁଥିଲେ, ଆଉ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ସେଥିପାଇଁ ସୁଯୋଗ ଆଣିଦେଲା । ସେହି ସୁଯୋଗକୁ କାଳେ ବିରୋଧୀ ରାଜନେତାମାନେ ନେଇଯାଇ ପାରନ୍ତି ସେଥିପାଇଁ ମଧ୍ୟ ଆନ୍ଦୋଳନକାରୀମାନେ ସତର୍କ ରହି କିଛି ଲୋକଙ୍କୁ ସାମିଲ କରୁଥିଲାବେଳେ କିଛି ଲୋକଙ୍କୁ ବିରୋଧ କରୁଛନ୍ତି କିମ୍ବା କିଛି ଲୋକଙ୍କୁ ବାଛି ବାଛି ସ୍ଥାନ ଦେଉଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଇସ୍ତଫା ଦେବାଲାଗି ଅସରପା ଜନତା ଦଳ (ସିଜେପି) ପକ୍ଷରୁ ଏବେ ନୂଆଦିଲ୍ଲୀର ଯନ୍ତରମନ୍ତରଣରେ ଲମ୍ବା ଧାରଣା ଚାଲିଛି । ଆମେରିକାରେ ଥିବା ଜଣେ ଆପ୍‌ଦଳର ନେତାଙ୍କୁ ସେଥିପାଇଁ ପ୍ରସ୍ତୁତ କରି ଭାରତକୁ ପଠାଯାଇଛି । ଯେମିତି ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳରେ କ୍ଷମତାର ପରିବର୍ତ୍ତନ ଆନ୍ଦୋଳନରୂପୀ ଅସ୍ଥିରତା ଏବଂ ହିସାଂକାଣ୍ଡ ମାଧ୍ୟମରେ କରାଗଲା ସେହି ଢଙ୍ଗରେ ଭାରତରେ ଉପଦ୍ରବ ମାଧ୍ୟମରେ, ତାଣ୍ଡବ ମାଧ୍ୟମରେ ସରକାରର ପରିବର୍ତ୍ତନ କରାଯିବାଲାଗି ପରୀକ୍ଷା ଜାରିରହିଛି । ବିଗତ ଦିନରେ ସମାନ ଢଙ୍ଗରେ ଲଦ୍ଦାଖରେ ମଧ୍ୟ ଏଭଳି ହିଂସାକାଣ୍ଡର ଯୋଜନା ଆମେ ଦେଖିସାରିଛୁ । ସେଠାରେ ଯେଉଁ ବ୍ୟକ୍ତି ହିଂସାକାଣ୍ଡର ମୂଳରେ ରହିଥିଲେ (ସୋନମ ୱାଙ୍ଗଚୁକ) ଏବେ ସେ ନୂଆଦିଲ୍ଲୀରେ ନୂଆ ଆନ୍ନା ହଜାରେ ସାଜିଛନ୍ତି । ଲଦ୍ଦାଖ ଆନ୍ଦୋଳନ ବେଳେ ସ୍ୱତନ୍ତ୍ର ରାଜ୍ୟଦାବି କରାଯାଇଥିଲା । ସୋନମ୍ ସେହି ଆନ୍ଦୋଳନକୁ ସ୍ଥାନୀୟ ଜଣେ କଂଗ୍ରେସ ନେତାଙ୍କ ସହଯୋଗରେ କରିଥିଲେ । ନେପାଳରେ ସରକାର ବିରୋଧୀ ହଂସା ହେବାବେଳେ ସେପରି ଭାରତରେ ହେବା ଦରକାର ବୋଲି ଲୋକଙ୍କୁ କହିଥିଲେ । ଯାହା ଫଳରେ ଆନ୍ଦୋଳନକାରୀମାନେ ସୋନମଙ୍କ ଭାଷଣ ପରେ ପରେ ହିଂସାକାଣ୍ଡ ଓ ପୋଡାଜଳାରେ ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ । ତାଙ୍କର ଲକ୍ଷ୍ୟ ପ୍ରକୃତରେ ନିଟ ପ୍ରଶ୍ନପତ୍ର ନୁହେଁ । ତାଙ୍କର ପ୍ରକୃତ କଷ୍ଟ କେନ୍ଦ୍ର ସରକାର ଗତ ସେପ୍ଟେମ୍ବର ମାସରେ ତାଙ୍କ ଏନ୍‌ଜିଓକୁ କଟକଣା ଲଗାଇ ବନ୍ଦ କରିବା । ସେ ଯେପରି ବିଦେଶୀ ଅନୁଦାନ ଆଣି ବିଦେଶୀ ସଂସ୍ଥାଙ୍କ ପାଇଁ କାର୍ଯ୍ୟ କରୁଥିଲେ (ଏବେ ମଧ୍ୟ କରୁଛନ୍ତି) ସେଥିରେ ବ୍ରେକ୍ ଦେବାଲାଗି ସରକାର ଏବେ ଏଫ୍‌ସିଆରଏ ଆଇନ ସଂଶୋଧନ ଆଣି ଅନେକଙ୍କ ଦୋକାନ ବନ୍ଦ କରିବାକୁ ଯାଉଛନ୍ତି । ସୋନମ୍ ୱାଙ୍ଗଚୁକ ଲଦ୍ଦାଖର ଜଣେ କଂଗ୍ରେସୀ ନେତାଙ୍କ ପୁଅ ଏବଂ ଜଣେ ସ୍କୁଲ ଶିକ୍ଷକ । ଥ୍ରୀ ଇଡିଅଟ୍‌ସ ସିନେମାରେ ଲଦ୍ଦାଖର ଅନ୍ୟ ଜଣେ ପରିବେଶବିତ୍‌ଙ୍କ ଭୂମିକା ନେଇ ସିନେମାରେ ଆସି ପରିଚିତ ହୋଇଥିଲେ । ସେ କୌମସି ବୈଜ୍ଞାନିକ ନୁହନ୍ତି ଚୀନ ଓ ପାକିସ୍ଥାନରେ ତାଙ୍କର ଭଲ ସଂପର୍କ ରହିଛି । ସେଠାକାର ଆଲୋଚନାକୁ ସୋନମ୍ ଯାଇଥାନ୍ତି । କର୍ଣ୍ଣାଟକରେ ଟିମୋଥି ଇନିସିଏଟିଭ ନାମକ ଏକ ଖ୍ରୀଷ୍ଟିଆନ ସଂସ୍ଥା ବିଦେଶରୁ ୯୨ କୋଟି ଟଙ୍କା ଅନୁଦାନ ଆଣି ଧର୍ମାନ୍ତରଣ ପାଇଁ ହଜାର ହଜାର ସଂଖ୍ୟାରେ କ୍ରେଡିଟ କାର୍ଡ "ସନ୍ତୋଷ କୁମାର" ନାମରେ ପ୍ରସ୍ତୁତ କରି ୧୦,୦୦୦ ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା ଥିବା ସେହି କାର୍ଡଗୁଡିକୁ ନକ୍ସଲ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିବା ଜଣାପଡିଛି । ବର୍ଷକୁ ୨୨,୦୦୦କୋଟିର ବିଦେଶୀ ଅର୍ଥ ଭାରତକୁ ଆସୁଥିଲାବେଳେ ତା'ର ଖର୍ଚ୍ଚ ହିସାବ ଏବଂ ଉପଯୋଗ ହୋଇଥିବା ସ୍ଥାନ ସଂପର୍କରେ ସରକାର ଜାଣିବାକୁ ଚାହିଁଥିଲାବେଳେ ନିକଟରେ ଚର୍ଚ୍ଚ ସଂସ୍ଥାର ପ୍ରତିନିଧିଗଣ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କୁ ଟାର୍ଗେଟ କରାଯାଉଥିବା ଅଭିଯୋଗ କରିଥିଲେ । ବିଗତ ପାଞ୍ଚବର୍ଷରେ ପ୍ରାୟ ୧୮୨୭ଟି ବିଦେଶୀ ଅନୁଦାନ ପ୍ରାପ୍ତ ବଡ ଏନଜିଓକୁ ସରକାର ହିସାବ ନଦେବା ଅଭିଯୋଗରେ ବନ୍ଦ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ବିଦେଶୀ ଅର୍ଥର ହିସାବ ସରକାରଙ୍କୁ ଦେବା ବାଧ୍ୟତାମୂଳକ କହିବା ପରେ ଅନେକଙ୍କ ମୁହଁର ରଙ୍ଗ ବଦଳିଯାଇଥିଲା । ସେମିତି ଦେଖିବାକୁ ଗଲେ ସୋନମ ୱାଙ୍ଗଚୁକ୍ ବିଗତ ଦିନମାନଙ୍କରେ ଲଦ୍ଦାଖର ପରିବେଶକୁ ଆଳକରି ପ୍ରତିରକ୍ଷା ବ୍ୟବସ୍ଥାର ବିରୋଧ କରିଆସିଛନ୍ତି । ଦେଶର ସୀମାରେ ସଡକ ନିର୍ମାଣ, ସେନାବାହିନୀ ଲୋକଙ୍କର ଗମନାଗମନ, ସେମାନଙ୍କ ପାଇଁ ଆବଶ୍ୟକ ଢାଞ୍ଚାଗତ ନିର୍ମାଣର ବିରୋଧ କରିଆସିଛନ୍ତି । ସୀମାରେ ଯଦି ସେନା ସକ୍ରିୟ ହୋଇ ନ ରହିବେ ସୀମାକୁ ଯଦି ଭଲ ସଡକ ନିର୍ମାଣ ନ ହେବ, ସେନାଙ୍କୁ ଯଦି ସେଠାରେ ଆବଶ୍ୟକ ସୁବିଧା ନ ମିଳିବ ତେବେ ପରୋକ୍ଷରେ ଚୀନ ସେଥିରୁ ଲାଭବାନ ହେବ ଯାହା ସୋନମ ଚାହୁଁଛନ୍ତି । ବଡ କଥା ହେଲା ଯନ୍ତରମନ୍ତରଠାରେ ଏବେ ଚାଲିଥିବା ସୋନମଙ୍କ ଆନ୍ଦୋଳନରେ ୨୦୨୦ ନୂଆଦିଲ୍ଲୀ ଦଙ୍ଗା ସୃଷ୍ଟିକାରୀ ଗୋଷ୍ଠୀଙ୍କୁ ଦେଖିବାକୁ ମିଳୁଛି । ଟ୍ରମ୍ପଙ୍କ ନୂଆଦିଲ୍ଲୀ ଗସ୍ତକାଳରେ ଦଙ୍ଗାଗୋଳ ସୃଷ୍ଟି କରିବା ଯୋଗୁ ୫୦ରୁ ଅଧିକ ଲୋକ ସେତେବେଳେ ପ୍ରାଣ ହରାଇଥିଲେ । ସେହି ଦଙ୍ଗା ପଛରେ ତତ୍‌କାଳୀନ ରାଜ୍ୟ ସରକାରରେ ଥିବା ଆପ୍ ଦଳର କାଉନସିଲର ତାହିର ହୁସେନଙ୍କୁ ଏବେ ନୂଆଦିଲ୍ଲୀର ଅଦାଲତ ଦୋଷୀ ସାବ୍ୟସ୍ତ କରିଛି । ଅଙ୍କିତ ଶର୍ମା ନାମକ ଜଣେ ଇଣ୍ଟେଲିଜେନ୍ସ ବ୍ୟୁରୋର ଅଧିକାରୀଙ୍କୁ ତାହିରର ଲୋକେ ୫୦ରୁ ଅଧିକଥର ଛୁରୀ ଭୁସି ହତ୍ୟା କରିଥିଲେ । ଅଙ୍କିତଙ୍କ ରକ୍ଷା ପାଇଁ ଆଗେଇ ଆସିଥିବା ଲୋକମାନଙ୍କ ଉପରେ ତାହିରର ଘର ଉପରୁ ପେଟ୍ରୋଲ ବୋମା ମାଡ କରାଯାଇଥିଲା । ତାହିରର ଘରଛାତ ଉପରେ କୋଲଡ୍ରିଙ୍କ ପ୍ଲାଷ୍ଟିକ କ୍ରେଟରେ ପେଟ୍ରୋଲ ଭର୍ତ୍ତି ବୋତଲସବୁକୁ ବୋମାଭାବରେ ପ୍ରସ୍ତୁତ କରି ରଖାଯାଇଥିବା ଫଟୋ ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ସେହି ଦଙ୍ଗା ପଛରେ ସର୍ଜିଲ ଇମାମ ଏବଂ ଉମର ଖାଲିଦ ନାମକ ଅନ୍ୟ ଦୁଇଜଣ ତାହିରର ସହଯୋଗୀ ଜିହାଦି ଏବେବି ତିହାର ଜେଲରେ ରହିଛନ୍ତି, ଯାହାଙ୍କ ମୁକ୍ତି ପାଇଁ ଅନେକ ଲୋକ ଏବେ ମଧ୍ୟ ଚେଷ୍ଟା କରୁଛନ୍ତି । କାରଣ ସେମାନେ ଜେଲ ବାହାରକୁ ଆସିଲେ ବର୍ତ୍ତମାନର ଆନ୍ଦୋଳନକୁ ବଡ ଦଙ୍ଗା ଦିଗକୁ ନେଇଯାଇପାରିବେ ।

ଯନ୍ତରମନ୍ତର ଆନ୍ଦୋଳନକୁ ଭାରତବ୍ୟାପି କରିବାକୁ ଇସଲାମିଷ୍ଟ, କମ୍ୟୁନିଷ୍ଟ ଚର୍ଚ୍ଚଗୋଷ୍ଠୀ ଚାହୁଁଛନ୍ତି ଯେଉଁ ଏନ୍‌ଜିଓ ମାନେ ଏଫ୍‌ସିଆଇଏ ଯୋଗୁ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି ସେମାନେ ମଧ୍ୟ ଏକାଠି ହୋଇଛନ୍ତି । ସୁନିତା ନାରାୟଣ ଆଲ୍ଲାଙ୍କ ପ୍ରଶଂସାରେ ସଂଗୀତଗାନ କରିବା ବେଆଇନ ଘୋଷିତ ଇସଲାମିକ ସନ୍ତ୍ରାସବାଦୀ ସଂଗଠନ ସିମିର ଜଣେ ପ୍ରତିଷ୍ଠାତା ସଦସ୍ୟ ଏବଂ ଜେଲରେ ଥିବା ଉମର ଖାଲିଦର ପିତା ସୋନମଙ୍କ ଆନ୍ଦୋଳନ ସ୍ଥଳୀକୁ ଯିବା, ଦୈନିକ ମୁଣ୍ଡପିଛା ୪୦୦ଟଙ୍କାର ଖାଦ୍ୟ ପାଞ୍ଚରୁ ଦଶହଜାର ଲୋକଙ୍କୁ ବଣ୍ଟାଯିବା, ଅରୁନ୍ଧତୀ ରାୟ, କୁନାଲ କାମରା, ସୁହାସିନୀ ଅଲ୍ଲିଙ୍କ ପରି ହିନ୍ଦୁ ବିରୋଧୀ ଲୋକଙ୍କ ସହ କୃଷକ ଆନ୍ଦୋଳନରେ ସାମିଲ ଥିବା ଖାଲିସ୍ଥାନୀ ନେତାମାନେ ଟିକାୟତଙ୍କ ସହ ସେଠାକୁ ଆସିବା ସନ୍ଦେହ ସୃଷ୍ଟି କରେ । ହିନ୍ଦୁ ବିରୋଧୀ କମେଡିଆନ କାମରା ଭାଷଣରେ କହିଥିଲା ଯେ ସୀତାପତିର ନାମ କହି ନୀତା ପତିର କାମ କଲେ । ଏହାକୁ ଏବେ ସୁପ୍ରିମକୋର୍ଟରେ ଜଣେ ଓକିଲ ଚ୍ୟାଲେଞ୍ଜ କରି କାମରା କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି । ତେଣେ ସିଜେପିର ଅଭିଜିତ ଦୀପକେ ଏବେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବଦଳରେ ସିଧା ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଆଉ ଜଣେ କେଜ୍ରିୱାଲ ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି ।

ଯେଉଁ ସମୟରେ ଯନ୍ତରମନ୍ତରରେ ଆନ୍ଦୋଳନ ଜାରିରହିଛି ଠିକ୍ ସେତିକିବେଳେ ସିଆଇଏର ନେଭିସିଲ କମାଣ୍ଡୋ ଥାଇଲାଣ୍ଡରୁ ଶ୍ରୀଲଙ୍କା ଦେଇ ଚୀନ ପାସପୋର୍ଟ ଯୋଗେ ଗୋଆକୁ ଆସିବା, ଭାରତରେ ମାସେ ରହି ଗ୍ରାମୀଣ ମାର୍ଗରେ ନେପାଳର ଖୋଲା ସୀମାକୁ ଅତିକ୍ରମ କରି ଯିବାବେଳେ ଧରାପଡିବା, ଏହା ପୂର୍ବରୁ ମାଥିଉ ଭେନ୍‌ଡାୟେକ ନାମକ ଆମେରିକାର ଅସ୍ଥିରତା ସୃଷ୍ଟିକାରୀ କମାଣ୍ଡୋ ଧରାପଡିବା, ମ୍ୟାନମାରରେ ସନ୍ତ୍ରାସବାଦୀଙ୍କୁ ପ୍ରଶିକ୍ଷଣ ଦେଇ ଭାରତରେ ପ୍ରବେଶ କରିଥିବା ୟୁକ୍ରେନର ୭ଜଣ ଲୋକ ମଣିପୁରରେ ପ୍ରବେଶ କଲାବେଳେ ଧରାପଡିବା ଘଟଣାରୁ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ସିଆଇଏ ପ୍ରବଳ ଚେଷ୍ଟା ଚଳାଇଥିବା ଜଣାପଡିଛି । ଉତ୍ତର ପୂର୍ବାଞ୍ଚଳରେ ଅସ୍ଥିରତା ସୃଷ୍ଟି ପାଇଁ ଆସିଥିବା ଜଣେ ଏଜେଣ୍ଟକୁ ପୂର୍ବରୁ ଢାକାରେ ଆକସ୍ମିକ ହତ୍ୟା କରାଯାଇଥିବା ଘଟଣା ଖବରକାଗଜରେ ପ୍ରକାଶ ପାଇଥିଲା । ବଙ୍ଗଳାଦେଶ ଓ ନେପାଳର ଅସ୍ଥିରତା ପରେ ଏହା ପଛରେ ଥିବା ସିଆଇଏ ବାହିନୀ ଏବେ ଭାରତରେ ଉପଦ୍ରବ କରାଇବାକୁ ଲାଗିପଡିଛି । ମଣିପୁର ଘଟଣା ପଛରେ ଚର୍ଚ୍ଚ ଗୋଷ୍ଠୀର ହାତଥିବା ଯୋଗୁ ଆଜିଯାଏଁ ସମସ୍ୟାର ସମାଧାନ ହୋଇନାହିଁ । ଦିଲ୍ଲୀ ଦରବାରରେ ଓଡିଆଲୋକଙ୍କ ପ୍ରାଧାନ୍ୟ ବୃଦ୍ଧି ଅନେକ ଅଣଓଡିଆଙ୍କ ଗାତ୍ରଦାହର କାରଣ ହୋଇଛି । ଦ୍ରୌପଦୀ ମୁର୍ମୁ, ଶକ୍ତିକାନ୍ତ ଦାସ, ଧର୍ମେନ୍ଦ୍ର ପ୍ରଧାନ, ପିକେ ମିଶ୍ର, ଗିରୀଶ ମୁର୍ମୁ ଆଦି ମୋଦିଙ୍କ ସମୟରେ ଆଗରେ ରହିବାକୁ ଅନେକ ପସନ୍ଦ କରିପାରୁନାହାନ୍ତି । ଅତୀତରେ ଯେମିତି ଏକ ଦିଲ୍ଲୀ ଗୋଷ୍ଠୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ହଟେଇବାକୁ ଲବି କରି ସଫଳ ହୋଇଥିଲେ ଏବେ ଠିକ୍ ସେହିପରି ଢଙ୍ଗରେ ଧର୍ମେନ୍ଦ୍ରଙ୍କୁ ବିରୋଧ କରିବାରେ ଲାଗିପଡିଛନ୍ତି । ଧର୍ମେନ୍ଦ୍ରଙ୍କୁ ବିରୋଧ କରିବାକୁ ଯାଇଥିବା ଲୋକେ ଏବେ ହିନ୍ଦୁମାନଙ୍କୁ ବିରୋଧରେ ସେହି ମଞ୍ଚରେ ସ୍ଲୋଗାନ ଦେଇଛନ୍ତି । ଧର୍ମେନ୍ଦ୍ରଙ୍କୁ ଦଳ ତରଫରୁ ଯେଉଁ ରାଜ୍ୟର ନିର୍ବାଚନ ଦାୟିତ୍ୱ ଦିଆଯାଇଛି, ସବୁଠି ସେ ଦଳ ପାଇଁ ସଫଳତା ଆଣିଛନ୍ତି । ତାଙ୍କ ପେଟ୍ରୋଲିୟମ ମନ୍ତ୍ରିତ୍ୱ କାଳରେ ଓଡିଆ ଲୋକେ ସର୍ବାଧିକ ବିଜ୍ଞାପନ ତାଙ୍କ ବିଭାଗରୁ ପାଇଥିଲେ, ଯାହା ଏକ ରେକର୍ଡ । ଛାତ୍ର ଜୀବନରୁ ତାଙ୍କୁ ବ୍ୟକ୍ତିଗତ ଭାବେ ଏହି ଲେଖକ ଅତି ନିକଟରୁ ଦେଖିଆସିଛି । ସାଂଗଠନିକ କାର୍ଯ୍ୟ କରିବାରେ ତାଙ୍କ ନିଷ୍ଠା ଓ ଦକ୍ଷତା ସମସ୍ତେ ଜାଣିଛନ୍ତି । ନୂତନ ଶିକ୍ଷାନୀତିକୁ ସଫଳତାର ସହ ଦେଶରେ ଲାଗୁ କରିବାରେ ସେ ଯେପରି କାର୍ଯ୍ୟ କରିଛନ୍ତି ତାହା ବେଶ୍ ପ୍ରଶଂସନୀୟ । ତାଙ୍କ କାର୍ଯ୍ୟକାଳରେ ସେ ଓଡିଆ ପାଇଁ ବହୁ ଭଲ କାର୍ଯ୍ୟ କରିଛନ୍ତି । ଅନେକ ଯୁବକଙ୍କୁ ପେଟ୍ରୋଲ ଓ ଗ୍ୟାସ ଏଜେଣ୍ଟ କରି ଅଣ ଓଡିଆଙ୍କ ପାରମ୍ପାରିକ ପ୍ରାଧାନ୍ୟକୁ ଦୁର୍ବଳ କରିଛନ୍ତି । ଭୁବନେଶ୍ୱରରେ ଓଡିଶା ରିସର୍ଚ୍ଚ ସେଣ୍ଟର ତାଙ୍କର ଅନ୍ୟତମ ଅବଦାନ । ନିଟ୍ ପରୀକ୍ଷାକୁ ବ୍ୟବସ୍ଥିତ କରିବାକୁ ସେ ସବୁ ପ୍ରକାର ବ୍ୟବସ୍ଥା କରୁଥିଲାବେଳେ କିଛି ମୁଷ୍ଟିମେୟ ଗୋଷ୍ଠୀ ଧର୍ମେନ୍ଦ୍ରଙ୍କ ଉତ୍‌ଥାନକୁ ସହ୍ୟ କରିନପାରି ତାଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଯିବା ପାଇଁ ଦାବି କରୁଛନ୍ତି । ଏହି ଦାବି ମାଧ୍ୟମରେ ସେମାନେ ଆଗାମୀ ଦିନରେ ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରୟାସରତ ରହିଛନ୍ତି ବୋଲି ବୁଝିବାକୁ ହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଅଠର ନଳାର ପୋଲ

## ବିକ୍ରମ ମହାପାତ୍ର

ଶ୍ରୀପୁରୁଷୋତ୍ତମ ଚେତନାର ଶ୍ରେଷ୍ଠ କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ । ଯେପରି ଔଷଧ ମନୁଷ୍ୟ ଜୀବନ ଉପରେ ପ୍ରଭାବ ପକାଇଥାଏ, ସମାଜ, ସତସଙ୍ଗ ମଧ୍ୟ ପ୍ରଭାବ ପକାଇଥାଏ ଏବଂ ଶ୍ରୀଜଗନ୍ନାଥ ଦର୍ଶନ, ସଂସ୍କୃତି, ସାହିତ୍ୟ, ରୀତିନୀତି, ତଦନୁସାରେ ଅତ୍ୟଧିକ ବିସ୍ତୃତ ଭାବରେ ପ୍ରଭାବିତ କରିଥାଏ । ଶ୍ରୀଜଗନ୍ନାଥଙ୍କ ଚେତନା ପରିସରକୁ ଯିଏ ଥରେ ମାତ୍ର ସ୍ପର୍ଶ କରିଛି, 'ସେ ଦେବତ୍ୱ ଲାଭ କରିଛି ବୋଲି ଲୋକେ କହନ୍ତି; ଏହା କେବଳ ଭାବ ଓ ଭକ୍ତି ଦ୍ୱାରା ସମ୍ଭବ ହୋଇପାରେ । ଶାସ୍ତ୍ର କହେ, 'ନ ଦେବ ବିଦ୍ୟତେ କାଷ୍ଟେ ନ ପାଷାଣେ ନ ମୃଣ୍ମଂୟେ, ଭାବେ ତିଷ୍ଠନ୍ତି ଦେବତାଃ ତସ୍ମାତ୍ ଭାବୋହି କେବଳମ୍;'

ଶ୍ରୀଜଗନ୍ନାଥଙ୍କ ସ୍ପର୍ଶ ଶିଳା ହୁଏ ଶାଳଗ୍ରାମ, ଦାରୁ ହୁଏ ଦେବତା, ପତର ହୋଇଯାଏ ପଥର । ଅର୍ଥାତ୍ କୋମଳ ହୃଦୟ ପରିଣତ ହୁଏ ଶିଳାଶୈଳ ସଂଘାତ ସହାକାରୀ । ଯେଉଁ ରଥରେ ପ୍ରଭୁ ବିଜେ କରନ୍ତି ସେ ଦେବୋପତ, ଯେଉଁ ପଥ (ବଡ଼ଦାଣ୍ଡ)ରେ ପ୍ରଭୁଙ୍କର ରଥ ଗଡ଼ିଯାଏ, ସେ ହୁଏ ମୁକ୍ତିପଥ, ସେବା ଓ ସେବକଙ୍କର ମିଳନ ପୀଠ । ସ୍ନେହ, ସୌହାର୍ଦ୍ଦ୍ୟର ବିପଣୀ । ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିବହାର ହେଉଛି ବୈକୁଣ୍ଠ । ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବୁର ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ । ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାଗବତ ସମ୍ପର୍କ ରହିଛି । ପୁରୀ ସହର ପ୍ରବେଶପଥରେ ରହିଛି ଅଠରନଳା ପୋଲ । ଏହି ପୋଲରେ ରହିଛି ୧୮ଟି ନଳା । ୧୮ ସଂଖ୍ୟାକୁ ତାନ୍ତ୍ରିକମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ପୋଲକୁ ନେଇ ଆଉ କିଛି କାହାଣୀ ରହିଥାଇପାରେ ବୋଲି ଅନେକ ଅନୁମାନ କରୁଛନ୍ତି । ତେବେ ମାଦଳାପାଞ୍ଜି ଅନୁଯାୟୀ ୯ମରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଠରନଳା ପୋଲ ନିର୍ମାଣ ହୋଇଥିଲା । ସହର ଉପକଣ୍ଠରେ ଥିବା ଏକ ନଦୀ ଯାହାର ନାମ ମଧୁପୁର ନଦୀ, ହଳୁହଳିଆ ନଦୀ ଅବା ମଙ୍ଗଳା ନଈ - କୂଳରେ ପହଞ୍ଚିବା ପରେ ତାହା ଡଙ୍ଗା ବା ଭେଳାରେ ପାରି ହୋଇ ଯାତ୍ରୀମାନେ ପୁରୀରେ ପ୍ରବେଶ କରୁଥିଲେ ।

ଶ୍ରୀକ୍ଷେତ୍ର ସହ ଉତ୍କଳ ଅବା ଭାରତବର୍ଷକୁ ଯୋଡ଼ିବା ପାଇଁ ସେତେବେଳେ ଏକମାତ୍ର ସଡ଼କପଥ ଭାବେ ଏହାକୁ ନିର୍ମାଣ କରାଯାଇଥିଲା । ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ଏହି ପୋଲଟି ଏକମାତ୍ର ମାଧ୍ୟମ ଥିଲା । ଚୂନ ଏବଂ ଗୁଡ଼ ଦ୍ୱାରା ଅଠରନଳା ପୋଲ ନିର୍ମାଣ କାର୍ଯ୍ୟ କରାଯାଇଥିବା ବେଳେ ଏହା ୧୧୦୦ ବର୍ଷ ଧରି ରହିବା ସହ ଏହା ଉପରେ ପ୍ରତ୍ୟେକ ଦିନ ପୁରୀ ସହରକୁ ବହୁ ସଂଖ୍ୟାରେ ଭରିଯାନ ଚଳାଚଳ କରିବା ଆଶ୍ଚର୍ଯ୍ୟର କଥା । ପୋଲଟିର କାରୁକାର୍ଯ୍ୟ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦାଙ୍କୁ ଏହା ବେଶ୍ ଆକୃଷ୍ଟ କରିଥାଏ । ଏ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିର ପୁରୋହିତ ସିଦ୍ଧେଶ୍ୱର (କ୍ରମଶଃ)

# ବାହୁଡ଼ା ଯାତ୍ରା

## ନିହାର ରଞ୍ଜନ ଦାସ

ନବ ଦିନାତ୍ମକା ପରମ ପାବନ ରଥ ଯାତ୍ରାର ଅନ୍ତିମ ପର୍ବ ବାହୁଡ଼ା ଯାତ୍ରା । ସପ୍ତ ଦିନ କାଳ ଗୁଣ୍ଡିଚା ମଣ୍ଡପ ରେ ଅବସ୍ଥାନ ପରେ ଜନ୍ମଭୂମିରୁ କର୍ମ ଭୂମିକୁ ପ୍ରତ୍ୟାବର୍ତ୍ତନ ଯାତ୍ରା ବାହୁଡ଼ା ଯାତ୍ରା ।

ସପ୍ତାହମ୍ ଯେ ପ୍ରପଶ୍ୟନ୍ତି
ଗୁଣ୍ଡିଚା ମଣ୍ଡପେ ସ୍ଥିତମ୍
ମାମ୍ ଚ ରାମମ୍ ସୁଭଦ୍ରାଞ୍ଚ
ମମ ସାଜୁଯ୍ୟ ମାପ୍ନୁୟାତ୍ ।

ଶାସ୍ତ୍ର ଅନୁସାରେ ଏହା ସାତ ଦିନ ମଧ୍ୟରେ ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପରେ ତିନି ଦିଅଁଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ।

ନୀଳାଦ୍ରୌ ଦଶ ବର୍ଷାଣି
ଆଡ଼ପ ମଣ୍ଡପେ ଦିନେ
ଯେ ପଶ୍ୟନ୍ତି ଜଗନ୍ନାଥମ୍
ମୁକ୍ତିମ୍ ତେସାମ୍ ନ ସଂଶୟ

ବାହୁଡ଼ା ଯାତ୍ରା ପାଇଁ ତିନି ରଥଙ୍କର ଦକ୍ଷିଣ ମୋଡ ଏକପ୍ରମୁଖ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରୁହିଁ ଶ୍ରୀଜିୟୁମାନଙ୍କର ଆଡପ ବେଦିରୁ ରତ୍ନବେଦିକୁ ଫେରିବାର ଆଭାସ ମିଳିଥାଏ । ପରମ୍ପରା ଅନୁଯାୟୀ ହେରା ପଞ୍ଚମୀ ପରଦିନ ଗୁଣ୍ଡିଚା ମନ୍ଦିରରେ ସକାଳ ଧୂପ ନୀତି ଶେଷ ହେବା ପରେ ତିନି ଠାକୁରଙ୍କ ଆଜ୍ଞାମାଳକୁ ତିନି ଜଣ ପାଳିଆ ପୂଜା ପଣ୍ଡା ହସ୍ତରେ ଧାରଣ କରି ଘଣ୍ଟ, ଛତା ଓ କାହଳି ସହ ତିନି ରଥକୁ ଉକ୍ତ ଆଜ୍ଞାମାଳ ପ୍ରଦାନ କରିଥାନ୍ତି କ୍ଷ ଏହା ପରେ ତିନି ରଥର ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ରହନ୍ତି । ମନ୍ଦିର ଅଧିକାରୀ, କର୍ମଚାରୀ, ରଥ ନିର୍ଦ୍ଦେଶକ ଦଳ ଓ ସରକାରୀ ପୋଲିସ ଏହି ରଥକୁ ଟାଣିଥାନ୍ତି । ପୂର୍ବ ? କଳା ବେଠିଆ (ଶ୍ରମିକ) ଓ ହସ୍ତୀମାନଙ୍କ ସାହାଯ୍ୟରେ ରଥର ଦକ୍ଷିଣ ମୋଡ଼ ହେଉଥିଲା ।

ଏହି ରଥଟଣାର ତାତ୍ପର୍ଯ୍ୟ ହେଲା ଯେ ରଥର ଉଭୟ ସମ୍ମୁଖ ଓ ପଶ୍ଚାତ୍ ଭାଗରେ ଦଉଡି ସଂଯୋଗ ହେଉଥିଲା । ଗୋଟିଏ ରଥଟଣା ହେବା ବେଳେ ରଥକୁ କିଛି ଦୂର ଆଗକୁ ଓ ପୁନଶ୍ଚ ପଛକୁ ଏହିପରି ବାରମ୍ବାର ଟଣାଯାଇ ଧିରେ ଧିରେ ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଠାରୁ ଅପରପାର୍ଶ୍ୱରେ ଥିବା ନାକଚଣା ଦ୍ୱାର ସମ୍ମୁଖରେ ଦକ୍ଷିଣାଭିମୁଖରେ ଯଥାସମ୍ଭବ ସମାନ ଭାବେ ରଖାଯାଇଥାଏ । ଦକ୍ଷିଣ ମୋଡ଼ ସମୟରେ ରଥ ଉପରେ ଘଣ୍ଟୁଆ ଘଣ୍ଟ ବଜାଇବା ସହିତ ଡାକୁଆ ରଥ ଉପରେ ଠିଆ ହୋଇ ରଥ ଗୀତ ବୋଲିଥାନ୍ତିୟ । ଭୋଇ ଓ ମହାରଣାମାନେ ରଥଟଣାରେ ସାହାଯ୍ୟ କରିଥାନ୍ତି ।

ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟାରେ ସାତ ଦିନ ବ୍ୟାପୀ ଯଜ୍ଞର ପୂର୍ଣ୍ଣାହୁତି ପରେ ମହାପ୍ରଭୁଙ୍କ ସଂଧ୍ୟା ଦର୍ଶନ ହୁଏ କ୍ଷ କଥା ଅଛି ରାମାନନ୍ଦ ଏହିଦିନ ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ରାମ ରୂପରେ ଦର୍ଶନ କରିଥିଲେ ।

ଏହା ପର ଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦଶମୀରେ ହୁଏ ବାହୁଡ଼ା ଯାତ୍ରା ।

ଶ୍ରୀ ଜଗନ୍ନାଥ ଚଢ଼ି ନନ୍ଦିଘୋଷ
ଗୁଣ୍ଡିଚା ଘରୁ ବିଦାୟ
ଦେଖି ନାଗ ନର ଗନ୍ଧର୍ବ କିନ୍ନର
କରୁଥାନ୍ତି ଜୟ ଜୟ ।

ଏହି ଦିନ ସକାଳୁ ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ସକାଳ ଧୂପ ପରେ ମଙ୍ଗଳା ରୋପଣ, ଡୋର ଲାଗି ଓ ପୁଷ୍ପାଞ୍ଜଳି ପରେ ତିନି ଦିଅଁଙ୍କର ପହଣ୍ଡି ହୁଏ ।

ଶ୍ରୀଗୁଣ୍ଡିଚା ନୀତି ପରି
ଷୋଡ଼ଶ ମହୋତ୍ସବ ସାରି
ଧାଡ଼ିପହଣ୍ଡିରେ ଚତୁର୍ଦ୍ଧା ମୂରତି
ନନ୍ଦନ ପୁର ଦେଇ
ଚନ୍ଦ୍ରିକା ଜଗତ ସାଙ୍ଗ
ଶରଧାବାଲିରେ ଥିବା ରଥରକତି
ଚାର ଚଢ଼ି ଉପବେଶନ
କି ବୋଲିବା ଭକତଙ୍କ
ଉଲ୍ଲାସ ମନ

ମହାପ୍ରଭୁ ଧାଡ଼ିପହଣ୍ଡିରେ ଆସି ରଥରେ ବସିଲା ପରେ ଚାରମାଳ ଫିଟା ଯାଇ ଘୋଡ଼ା ଯୋଚା ଯାଇ ଶ୍ରୀମନ୍ଦିରକୁ ଫେରିବା ହୁଅନ୍ତି । ବାଟରେ ମାଉସୀ ମା ମନ୍ଦିରରେ ପୋଡପିଠା ଖାଇ ଜଗନ୍ନାଥ ଗଜପତି ମହାରାଜାଙ୍କ ଶ୍ରୀନହର ନିକଟରେ ନନ୍ଦିଘୋଷ କୁ ଅଟକାଇ ଦିଅନ୍ତି । ଶ୍ରୀମନ୍ଦିରରୁ ମହାଜନ ସେବକମାନେ ମହାଲକ୍ଷ୍ମୀଙ୍କୁ ଆଣି ଦେବସ୍ନାନ ମଣ୍ଡପ ପାଖ ଚାହାଣୀ ମଣ୍ଡପରେ ବିଜେ କରାନ୍ତି । ଏଠାରୁ ଗଜପତି ମହାରାଜ ଲକ୍ଷ୍ମୀଙ୍କୁ ନେଇ ରାଜନହର ରେ ଅଟକିଥିବା ନନ୍ଦିଘୋଷ ରଥ ପାଖକୁ ଯାଆନ୍ତି । ଜଗନ୍ନାଥଙ୍କ ମାଳା ଗ୍ରହଣ କରି ଆଳତୀ ବନ୍ଦାପନା କରନ୍ତି ମା । ଏହାକୁ ଲକ୍ଷ୍ମୀ ନାରାୟଣ ଭେଟ କହନ୍ତି । ଏହାପରେ ନନ୍ଦିଘୋଷ ଯାଇ ପୁର୍ବରୁ ଉପସ୍ଥିତ ଥିବା ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ପାଖରେ ଉପସ୍ଥିତ ହୁଅନ୍ତି । ପତିତ ପାବନ ଯାତ୍ରା, ଘୋଷ ଯାତ୍ରା, ଦକ୍ଷିଣାୟନ ଯାତ୍ରା ର ବାହୁଡ଼ା ପର୍ବ ସମାପିତ ହୁଅନ୍ତି ।

କିଆପଦା, ଅନ୍ଧାରୀ,ଯାଜପୁର



## ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ପକ୍ଷରୁ ୮ ଲକ୍ଷରୁ ଅଧିକ ଲୋକଙ୍କ ମାଗଣା ଅସ୍ତ୍ରୋପଚାର

**ଭୁବନେଶ୍ୱର, ୨୨।୭ (ନି.ପ୍ର)** : ଜୁଲାଇ ୨୦ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଉଥିବା ବିଶ୍ୱ ଗ୍ରହଣ ଖଣ୍ଡିଆ ସଚେତନତା ଦିବସ (ଡବ୍ଲ୍ୟୁସିଏଡି) ୨୦୨୫ ମସିହାରେ ସ୍ମାଇଲ୍ ଟ୍ରେନ୍ ଦ୍ୱାରା ଆରମ୍ଭ କରାଯାଇଥିଲା ଯାହା ଖଣ୍ଡିତ ଓଠ ଏବଂ ତାଲୁକୁ ମୁଖ୍ୟ ସ୍ରୋତରେ ଜନସ୍ୱାସ୍ଥ୍ୟ ବାର୍ତ୍ତାପକୁ ଆଣିବା ଏବଂ ଫାଟ ସହିତ ଜନ୍ମ ହୋଇଥିବା ପ୍ରତ୍ୟେକ ଶିଶୁକୁ ସମୟାନୁବର୍ତ୍ତୀ ଏବଂ ବ୍ୟାପକ ଚିକିତ୍ସା ପାଇବାକୁ ସୁନିଶ୍ଚିତ କରିବା ପାଇଁ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ, ଦେଶର ଅଗ୍ରଣୀ ଫାଟ-କେନ୍ଦ୍ରିତ ଏନଜିଓ ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଏକ ଗୌରବମୟ ମାଇଲଖୁଂଟ ପାଳନ କରିଛି : ୨୦୦୦ ମସିହାରୁ ସାରା ଦେଶରେ ପିଲାମାନଙ୍କ ପାଇଁ ୮୦୦,୦୦୦ରୁ ଅଧିକ ମାଗଣା କ୍ଲେଫ୍ଟ ସର୍ଜରୀ ସମର୍ଥିତ । ଭାରତରେ ପ୍ରତିବର୍ଷ ପ୍ରାୟ ୩୫,୦୦୦ ଶିଶୁ ଫାଟ ସହିତ ଜନ୍ମ ହୁଅନ୍ତି, ତଥାପି ଅନେକ ପୁରାଣ, ଭୁଲ ସୂଚନା ଏବଂ କଳଙ୍କ ହେତୁ ଚିକିତ୍ସା ପାଇଁ ଗୁରୁତ୍ୱପୂର୍ଣ୍ଣ ଓ୍ୱିଣ୍ଡୋରୁ ବଂଚିତ ହୁଅନ୍ତି । ବିଳମ୍ବିତ ଯତ୍ନ ଖାଇବାକୁ ଦେବାରେ ଅସୁବିଧା, ପୁଷ୍ଟିହୀନତା, ବାକ୍ ଏବଂ ଶ୍ରବଣ ଦୁର୍ବଳତା ଏବଂ ଦୀର୍ଘକାଳୀନ ସାମାଜିକ ଏବଂ ଭାବପ୍ରବଣ ଆହ୍ୱାନ ସୃଷ୍ଟି



କରିପାରେ । ଶୀଘ୍ର ନିରାକରଣ ଏବଂ ସମୟାନୁବର୍ତ୍ତୀ ଅସ୍ତ୍ରୋପଚାର ଉତ୍ତମ ଫଳାଫଳ ଏବଂ ବ୍ୟାପକ ଯତ୍ନର ଉପଲବ୍ଧତା ପାଇଁ ଚାବିକାଠି । ବିଶ୍ୱ ଫାଟ ସଚେତନତା ଦିବସ ସଚେତନତା ସୃଷ୍ଟି କରିବା, ଭୁଲ ଧାରଣା ଦୂର କରିବା ଏବଂ ଫାଟ ସହିତ ଜନ୍ମ ହୋଇଥିବା ପ୍ରତ୍ୟେକ ଶିଶୁ ଠିକ୍ ସମୟରେ ଚିକିତ୍ସା ପାଇବାକୁ ଚେଷ୍ଟା କରେ।

## ଓଡିଶାରେ ୧୦୦% ପ୍ଲେସମେଂଟ ହାସଲ କରିଛି ଜୋହୋସ୍କିଲହବ୍

**ସମ୍ବଲପୁର, ୨୨।୭ (ନି.ପ୍ର) :** ଚେନ୍ନାଇରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ ଜୋହୋ ପକ୍ଷରୁ ଓଡିଶାର ସମ୍ବଲପୁରଠାରେ ଥିବା ଏହାର ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ କ୍ୟାରିୟର ବିକାଶ ପଦକ୍ଷେପ ଜୋହୋସ୍କିଲ ହବ୍‌ରୁ ଛାତ୍ରଛାତ୍ରୀଙ୍କ ୧୦୦% ପ୍ଲେସମେଂଟର ଘୋଷଣା କରାଯାଇଛି । ଜୋହୋସ୍କିଲହବ୍ ହେଉଛି ଜୋହୋ ଓ ଏହାର ପାର୍ଟନରଙ୍କର ଏକ ଯୁଗ୍ମ ଅଭିଯାନ ଯାହାର ଲକ୍ଷ୍ୟ ହେଉଛି ଓଡିଶାରେ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ ଓ ବିକଶିତ କରିବା। ପ୍ରଥମ ଦୁଇଟି ବ୍ୟାଚର ସମସ୍ତ ୧୪ ଜଣ ଗ୍ରାଜୁଏଟ ସଫଳତାର ସହ ନିଜର ପ୍ରଶିକ୍ଷଣ ଶେଷ କରିଛନ୍ତି ଏବଂ କମ୍ପାନୀର ଏକ ପ୍ରିମିୟମ ପାର୍ଟନର ରେସ୨କ୍ଲାଉଡରେ ନିଯୁକ୍ତି ପାଇଛନ୍ତି। ପ୍ରଥମ ଦୁଇଟି ବ୍ୟାଚ ଜୋହୋ ସିଆରଏମ (ଗ୍ରାହକ ଓ ବ୍ୟବସାୟଗୁଡିକ ସହ ସମ୍ପର୍କକୁ ସୁଦୃଢ କରିବା ପାଇଁ ଏକ ଏଆଇ-ପରିଚାଳିତ ପ୍ଲାଟଫର୍ମ), ଜୋହୋ କ୍ରିଏଟର (ଏଆଇ-ପରିଚାଳିତ ଅନ୍‌ଲାଇନ



ସଫ୍ଟୱେୟାର ପ୍ଲାଟଫର୍ମ) ଭଳି ଜୋହୋର ବିଜନେସ୍ ଆପଗୁଡିକୁ କିଭଳି ବ୍ୟବହାର କରାଯିବ ତାହା ଶିଖିଥିଲେ। ଜୋହୋ ସିଆରଏମ ସହିତ ଛାତ୍ରଛାତ୍ରୀମାନେ କିଭଳି ବ୍ୟବସାୟଗୁଡିକୁ ଗ୍ରାହକ ତଥ୍ୟ ଓ ଉନ୍ନତ ବିକ୍ରି ସହ ସାହାଯ୍ୟ କରିପାରିବେ ତାହା ଶିଖିଥିଲେ, ଏଥିସହିତ ଜୋହୋ କ୍ରିଏଟର ସେମାନଙ୍କୁ କୋଡିଙ୍ଗ ଜ୍ଞାନ ବିନା ସ୍ୱତନ୍ତ୍ର ବ୍ୟବସାୟିକ ଆବଶ୍ୟକତାଗୁଡିକ ପାଇଁ ଶୀଘ୍ର କଷ୍ଟମ ଆପ୍ଲିକେଶନ ଡିଜାଇନ ଓ ନିର୍ମାଣ କରିବା ପାଇଁ ପ୍ରଶିକ୍ଷିତ କରିଥିଲା। ଜୋହୋସ୍କିଲହବ ସକ୍ରିୟ ଭାବେ ଏହାର ପରବର୍ତୀ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତି କରୁଛି ଏବଂ ନୂତନ ଆବେଦନ ଗ୍ରହଣ କରୁଛି ।

ଏସମ୍ପର୍କରେ ଜୋହୋ କର୍ପୋରେଶନର ଡାଇରେକ୍ଟର ଅଫ୍ ଟେକ୍ନୋଲୋଜି ରାଜେନ୍ଦ୍ରନ ଦଣ୍ଡପାଣି କହିଛନ୍ତି, 'ସମ୍ବଲପୁର ଭଳି ଅଂଚଳରେ ଅନେକ ପ୍ରତିଭା ଓ ସମ୍ଭାବନା ରହିଛି ଏବଂ ଆମର ଲକ୍ଷ୍ୟ ହେଉଛି ଏଭଳି ଛାତ୍ରଛାତ୍ରୀଙ୍କୁ ସେମାନେ ବାସ କରୁଥିବା ସ୍ଥାନରେ ଟେକ୍ନୋଲୋଜି କ୍ଷେତ୍ରରେ ସୁଯୋଗ ପାଇବାରେ ସହଯୋଗ କରିବା। ସ୍ଥାନୀୟ ଯୁବପିଢିଙ୍କୁ ପ୍ରାକ୍ଟିକାଲ ସଫ୍ଟୱେୟାର ଇଜିନିୟରିଂ ଓ ଆପ୍ଲିକେଶନ ଡେଭ୍‌ଲପମେଂଟ ଦକ୍ଷତାର ଶିକ୍ଷା ଦେଇ ଆମେ ସେମାନଙ୍କୁ ନିଜ ପାଇଁ ଓ ସମୁଦାୟଗୁଡିକ ପାଇଁ ପ୍ରକୃତ ମୂଲ୍ୟ ସୃଷ୍ଟି କରିବାରେ ସାହାଯ୍ୟ କରୁଛୁ। ଓଡିଶାର ଯୁବପିଢିଙ୍କୁ ହାଇ-ଟେକ ଡୋମେନରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ ନିଜ ଘରଠାରୁ ଦୂରକୁ ଯିବାର ଆବଶ୍ୟକତା ନାହିଁ। ଆମେ ସବୁବେଳେ ବିଶ୍ୱାସ କରିଥାଉ ଯେ, ତୃଣମୂଳ ସ୍ତରରୁ ଏକ ସ୍ଥାୟୀ ଟେକ୍ନୋଲୋଜି ଶିଳ୍ପ ସୃଷ୍ଟି କରିବା ପାଇଁ ସ୍ଥାନୀୟ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସର୍ବୋତମ ମାଧ୍ୟମ ଅଟେ।'

ସେହିପରି ରେସ୨କ୍ଲାଉଡର ସିଇଓ ଜିକେ ରାଜୁ କହିଛନ୍ତି, 'ସମ୍ବଲପୁରରେ ଜୋହୋସ୍କିଲହବ୍ ଅଭିଯାନରେ ଆମର ଅଂଶଗ୍ରହଣ ସଫ୍ଟୱେୟାର ଇଜିନିୟରିଂ କ୍ଷମତାଗୁଡିକ ପ୍ରମୁଖ ସହରାଂଚଳ କେନ୍ଦ୍ରଗୁଡିକ ବାହାରେ ମଧ୍ୟ ବିକଶିତ ହୋଇପାରିବ ବୋଲି ଗୁରୁତ୍ୱାରୋପ କରୁଛି। ସମ୍ବଲପୁର, ଆଂଚଳିକ ଶିକ୍ଷାନୁଷ୍ଠାନଗୁଡିକରୁ ପ୍ରଚୁର ପ୍ରତିଭା ପ୍ରଦାନ କରୁଛି, ଯାହା ଏଠାରେ ଯୁବପିଢିଙ୍କୁ ପ୍ରଶିକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଜୋହୋ ସହ ସହଭାଗିତାକୁ ଏକ ପ୍ରାକୃତିକ ପରବର୍ତ୍ତୀ ପଦକ୍ଷେପରେ ପରିଣତ କରିଛି। ରେସ୨କ୍ଲାଉଡ ପ୍ରଥମ ଦୁଇଟି ବ୍ୟାଚରୁ ଏହି ଗ୍ରାଜୁଏଟମାନଙ୍କୁ ପାଇ ଖୁବ୍ ଖୁସି ଅନୁଭବ କରୁଛୁ, ଯିଏ ପ୍ରଥମ ଦିନରୁ ଫଙ୍କ୍‌ଶନାଲ ବିଜନେସ୍ ଆପ୍ଲିକେଶନ ନିର୍ମାଣ କରିବା ପାଇଁ ସୁସଜ୍ଜିତ ଅଟନ୍ତି।

## ବନ୍ଧନ ବ୍ୟାଙ୍କର ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ ବ୍ୟବସାୟରେ ୧୧% ବୃଦ୍ଧି

**ଭୁବନେଶ୍ୱର/କୋଲକାତା, ୨୨।୭ (ନି.ପ୍ର)** : ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟରେ ୧୧ ପ୍ରତିଶତ ବୃଦ୍ଧି ପାଇ ୩.୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଭାଗ ଏବେ ପ୍ରାୟ ୭୪ ପ୍ରତିଶତ ରହିଛି । ବିତରଣ ନେଟୱର୍କରେ ସମ୍ପ୍ରସାରଣ, ପରିଚାଳନା ଦକ୍ଷତାରେ ଉନ୍ନତି ଓ ଉତ୍କର୍ଷ ପାଇଁ ନିରନ୍ତର ପ୍ରୟାସ ସହ ୨୦୨୬-୨୭ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ୫୦୨ ଉକ୍ତ. କୋଟି ଟଙ୍କାର ଲାଭ କରିଛି। ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ୩୫ଟିରେ ବ୍ୟାଙ୍କ ୬୪୦୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ଏହାର ୩.୨ କୋଟି ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି । ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୭୪,୫୦୦ ରହିଛି । ୨୦୨୬-୨୭ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୭% ବୃଦ୍ଧି ପାଇଛି ଏବଂ ମୋଟ ଜମା ଏବେ ୧.୬୫ ଲକ୍ଷ କୋଟି ଟଙ୍କା ରହିଛି । ମୋଟ ଅଗ୍ରୀମ ପରିମାଣ ୧.୫୬ ଲକ୍ଷ କୋଟି ଟଙ୍କା ହୋଇଛି । (କରେଂଟ୍) ଚଳନ୍ତୀ ଓ ସଂଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୨୯.୪% ରହିଛି । ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର) ସୁଦୃଢ଼ ୧୮.୨% ରହିଛି ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି । ଫଳାଫଳ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତିମ ସେନଗୁପ୍ତା କହିଛନ୍ତି ଯେ, "ଆମର ୨୦୨୬ ୨୭ ର ପ୍ରଥମ ତ୍ରୈମାସିକର ଆର୍ଥିକ ଫଳାଫଳ ଆମର ସ୍ଥିର ପ୍ରତିବଦ୍ଧତା ଓ ଆମ ଉପରେ ଆମ ଅଂଶୀଦାରମାନଙ୍କ ରହିଥିବା ଭରସା ଓ ଆମ ଫ୍ରାଂଚାଇଜିର ଦୃଢ଼ତାକୁ ଦର୍ଶାଉଛି । ସେହି ଧାରାରେ ଆମେ ଆଗକୁ ବଢ଼ୁଥିବା ବେଳେ ଗ୍ରାହକ କେନ୍ଦ୍ରିକତା ପ୍ରଦାନ ଓ ଡିଜିଟାଲ ସକ୍ଷମ ଅଭିବୃଦ୍ଧି ଉପରେ ଆମର ଧ୍ୟାନ ରହିବ। ଆମ ବିତରଣ ନେଟୱର୍କକୁ ସୁଦୃଢ଼ କରିବା, ପ୍ରଦାନ କରୁଥିବା ଉତ୍ପାଦର ସମ୍ପ୍ରସାରଣ କରି ଏବଂ ଡାଟା ଆଧାରିତ ନିର୍ଯ୍ୟାସକୁ ବ୍ୟବହାର କରି ଆମ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ଶ୍ରେଷ୍ଠ ମୂଲ୍ୟ ସୃଷ୍ଟି କରିବା ସହିତ ନିରନ୍ତର, ସନ୍ତୁଳିତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଅଭିବୃଦ୍ଧିକୁ ବଢ଼ାଇବାକୁ ଆମେ ଭଲ ସ୍ଥିତିରେ ରହିଛୁ।'

## ନୁଭୋକୋ ପକ୍ଷରୁ ପ୍ରଥମ ଆକ୍ରିତି ରିଟେଲ ଆଉଟଲେଟର ଶୁଭାରମ୍ଭ

**ଭୁବନେଶ୍ୱର, ୨୨।୭ (ନି.ପ୍ର)** : ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ମେଜିଆ ସିମେଂଟ ପ୍ଲାଂଟଠାରେ ଏହାର ସିଏସଆର ପଦକ୍ଷେପ ମାଧ୍ୟମରେ ବଙ୍କୁରା ଜିଲ୍ଲାର ଦୁର୍ଲଭପୁରଠାରେ ଏହାର ପ୍ରଥମ ଆକ୍ରିତି ଏସଏଚଜି ରିଟେଲ ଆଉଟଲେଟ ର ଶୁଭାରମ୍ଭ କରିଛି । ମହିଳାଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମାଂଚଳ ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗଗୁଡ଼ିକୁ ମଜବୁତ କରିବା ଲାଗି ଏହି ଆଉଟଲେଟ ଲଂଚ କରାଯାଇଛି। ଏହି ଆଉଟଲେଟ ନୁଭୋକୋର ଦୁଇଟି ଫ୍ଲାଗସିପ ମହିଳା ସଶକ୍ତିକରଣ ଅଭିଯାନ ଆକ୍ରିତି ଏସଏଚଜି ଏବଂ 'ପ୍ରୋଜେକ୍ଟ ସମୃଦ୍ଧି' ଅଧିରେ ପ୍ରୋତ୍ସାହିତ କରାଯାଉଥିବା ସଂଚାରୀ ଓ୍ୱମେନ ଏଫପିସିଏଲକୁ ଏକାଠି କରିଛି । ଏହି ସହଯୋଗୀ ମଡେଲ ଅଧୀନରେ ଆକ୍ରିତି ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ଗୁଣାତ୍ମକ ପୋଷାକ ନିର୍ମାଣ କରିବ, ସେହିପରି ସଂଚାରୀ ଓ୍ୱମେନ ଏଫପିସିଏଲ ଆଉଟଲେଟର ରିଟେଲ ପରିଚାଳନା, ମାର୍କେଟିଙ୍ଗ ଓ ବିକ୍ରିକୁ ନିୟନ୍ତ୍ରଣ କରିବ । ଏହି ଆଉଟଲେଟ




ମହିଳାଙ୍କ ପୋଷାକ, ସ୍କୁଲ ୟୁନିଫର୍ମ, ପୁରୁଷଙ୍କ ସାର୍ଟ ଓ ଟ୍ରାଉଜର, ହ୍ୟାଣ୍ଡିକ୍ରାଫ୍ଟ, ଜ୍ୟୁଟ ବ୍ୟାଗ ଓ ଅନ୍ୟାନ୍ୟ ସ୍ଥାନୀୟ ରୂପେ ଉତ୍ପାଦିତ ଉତ୍ପାଦ ପ୍ରଦାନ କରୁଛି।

ଏହି ଆଉଟଲେଟକୁ ଆକ୍ରିତିର କାରିଗର, ସଂଚାରୀ ଓ୍ୱମେନ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ସଦସ୍ୟ ଓ ସମୁଦାୟ ପ୍ରତିନିଧିଙ୍କ ଉପସ୍ଥିତିରେ କମ୍ପାନୀର ମେଜିଆ ସିମେଂଟ ପ୍ଲାଂଟର ମୁଖ୍ୟ ରବିଶ ଗାଲଭ ଓ ପ୍ଲାଂଟର ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି । ଏହି ଅବସରରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ମେଜିଆ ସିମେଂଟ ପ୍ଲାଂଟର ମୁଖ୍ୟ ରବିଶ ଗାଲଭ କହିଛନ୍ତି, 'ପ୍ରଥମ ଆକ୍ରିତି ଏସଏଚଜି ରିଟେଲ ଆଉଟଲେଟର ଲଂଚ ଏକ ସ୍ଥାୟୀ ମହିଳା-ପରିଚାଳିତ ଉଦ୍ୟୋଗ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ସହଭାଗିତା ଆକ୍ରିତି କାରିଗରଙ୍କୁ ନିଜର ଉତ୍ପାଦର ବିକ୍ରି ଓ ମାର୍କେଟିଂ ପାଇଁ ଏକ ଡେଡିକେଟେଡ ରିଟେଲ ପ୍ଲାଟଫର୍ମ ପ୍ରଦାନ କରୁଥିବା ବେଳେ ସଂଚାରୀ ଓ୍ୱମେନ ଏଫପିସିଏଲକୁ ନିଜର ରିଟେଲ ପୋର୍ଟଫୋଲିଓକୁ ବିସ୍ତାର କରିବା ଓ ନିଜର ବ୍ୟବସାୟ ମଜବୁତ କରିବା ପାଇଁ ସକ୍ଷମ କରୁଛି । ଉତ୍ପାଦନକୁ ରିଟେଲ ଓ ବଜାର ପହଂଚ ସହ ସଂଯୋଗ କରି ଆମେ ଗ୍ରାମୀଣ ମହିଳାଙ୍କୁ ନିଜର ଦକ୍ଷତାକୁ ମଜବୁତ ଓ ଅଧିକ ସ୍ଥାୟୀ ଜୀବିକା ସୁଯୋଗରେ ପରିଣତ କରିବାରେ ସାହାଯ୍ୟ କରୁଛୁ।' ଏହି ସହଭାଗିତା ଉଭୟ ପଦକ୍ଷେପ ପାଇଁ ଏକ ଦ୍ୱିପାକ୍ଷିକ ଭାବେ ଲାଭଦାୟକ ମଡେଲ ସୃଷ୍ଟି କରିଛି। ଆକ୍ରିତି ଏସଏଚଜି ଏହାର ମହିଳା କାରିଗରଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡିକର ମାର୍କେଟିଙ୍ଗ ଓ ବିକ୍ରି କରିବା ପାଇଁ ଏକ ଡେଡିକେଟେଡ ରିଟେଲ ପ୍ଲାଟଫର୍ମ ହାସଲ କରିବ, ଅନ୍ୟପକ୍ଷରେ ସଂଚାରୀ ଓ୍ୱମେନ ଏଫପିସିଏଲ ଏହାର ପୋର୍ଟଫୋଲିଓକୁ ବିସ୍ତାର କରିବ ଓ ନିଜର ଖୁଚୁରା ବ୍ୟବସାୟକୁ ମଜବୁତ କରିବ।

## ବେଦାନ୍ତ ଆଲୁମିନିୟମ ପ୍ରକଳ୍ପ 'ସହଯୋଗ' ଜରିଆରେ ସମ୍ପ୍ରଦାୟଗୁଡ଼ିକୁ ସମୟୋଚିତ ସହାୟତା ପ୍ରଦାନ କରୁଛି

**ଭୁବନେଶ୍ୱର, ୨୨।୭ (ନି.ପ୍ର)** : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ପ୍ରକଳ୍ପ ସହଯୋଗ ମାଧ୍ୟମରେ ଅନ୍ତର୍ଭୁକ୍ତ ଗୋଷ୍ଠୀ ବିକାଶକୁ ଆଗେଇ ନେଉଛି, ଯାହା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପରିବାରକୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସମୟୋଚିତ ସହାୟତା ପ୍ରଦାନ କରିଥାଏ। ବିବାହ ଏବଂ ମୃତ୍ୟୁ ପରବର୍ତ୍ତୀ ରୀତିନୀତି ପାଇଁ ସହାୟତା ମାଧ୍ୟମରେ, ଏହି ପଦକ୍ଷେପ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ପରିବାରକୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଏବଂ ସାଂସ୍କୃତିକ ଦାୟିତ୍ୱକୁ ମର୍ଯ୍ୟାଦା ସହିତ ପୂରଣ କରିବାରେ ସକ୍ଷମ କରୁଛି । ପ୍ରକଳ୍ପ ସହଯୋଗ ଆରମ୍ଭ ହେବା ପରଠାରୁ ଲାଞ୍ଜିଗଡ଼ର ବିଭିନ୍ନ ସମ୍ପ୍ରଦାୟର ୫୮ଟି ପରିବାରକୁ ସହାୟତା ପ୍ରଦାନ କରିଛି, ଯେଉଁଥିରେ ୩୭ଟି ପରିବାରକୁ ମୃତ୍ୟୁ ପରବର୍ତ୍ତୀ ସହାୟତା ଏବଂ ୨୧ଟି ପରିବାରକୁ ଝିଅ ବିବାହ ସହାୟତା ପ୍ରଦାନ କରିଛନ୍ତି। ଆର୍ଥିକ ସଙ୍କଟ ସମୟରେ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରି, ଏହି



ପଦକ୍ଷେପ ଦୁର୍ବଳ ପରିବାରଗୁଡ଼ିକ ପାଇଁ ଏକ ସୁରକ୍ଷା ପ୍ରଦାନ କରିଥାଏ, ଯାହା ସେମାନଙ୍କୁ ଅଧିକ ଆତ୍ମବିଶ୍ୱାସ ଏବଂ ସୁରକ୍ଷା ସହିତ ଦୁଃଖଦ ସମୟରେ ପରିବାରର ପରିଚାଳନାରେ ସାହାଯ୍ୟ କରିଥାଏ। ଏହି ପଦକ୍ଷେପ ବିଷୟରେ , ଭି.ଏ.ଏମ୍.ଏଲ, ଲାଞ୍ଜିଗଡ ଆଲୁମିନା ବିଜନେସ୍ ର ସି.ଇ.ଓ ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, କହିଛନ୍ତି, 'ଅର୍ଥପୂର୍ଣ୍ଣ ଗୋଷ୍ଠୀ ବିକାଶ ଭିତ୍ତିଭୂମି ଏବଂ ଜୀବିକା ନିର୍ବାହ ମଧ୍ୟ ଲୋକଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆହ୍ୱାନପୂର୍ଣ୍ଣ ମୁହୂର୍ତ୍ତରେ ସେମାନଙ୍କ ସହିତ ଛିଡ଼ା ହେଉଛି । ପ୍ରକଳ୍ପ ସହଯୋଗ ମାଧ୍ୟମରେ, ଆମେ ଯେଉଁଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି ସେଠାରେ ସହାୟତା ପ୍ରଦାନ କରୁଛୁ, ପରିବାରଗୁଡ଼ିକୁ ମର୍ଯ୍ୟାଦାର ସହ ଏଗୁଡ଼ିକୁ ପରିଚାଳନା କରିବାରେ ସାହାଯ୍ୟ କରିବା ସହିତ ଆମେ ସେବା କରୁଥିବା ସମ୍ପ୍ରଦାୟଗୁଡ଼ିକ ସହିତ ଆମର ସ୍ଥାୟୀ ଭାଗିଦାରୀକୁ ମଜବୁତ କରୁଛୁ । ଏହି କାର୍ଯ୍ୟକ୍ରମ ଅଧୀନରେ ମିଳିଥିବା ସହଯୋଗକୁ ପ୍ରଶଂସା କରି ବିବାହ ସହାୟତା କାର୍ଯ୍ୟକ୍ରମର ଜଣେ ହିତାଧିକାରୀ ପ୍ରେମଲତା ହରିଜନ କହିଛନ୍ତି, 'ପ୍ରକଳ୍ପ ସହଯୋଗ ମୋ ବିବାହ ର ଠିକ ସମୟରେ ସମର୍ଥନ ପ୍ରଦାନ କରିଥିଲା ଏବଂ ମୋ ପରିବାର ଉପରେ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରିଥିଲା। ଏହି ପଦକ୍ଷେପ ଆମ ସମ୍ପ୍ରଦାୟକୁ ସମର୍ଥନ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଜଣାଉଛି । ତାଙ୍କର ଚିନ୍ତାଧାରା ବାଣ୍ଟି, ମୃତ୍ୟୁ ପରବର୍ତ୍ତୀ ସହାୟତା କାର୍ଯ୍ୟକ୍ରମର ହିତାଧିକାରୀ ଦାସରୁ ମାଝୀ କହିଛନ୍ତି, 'ଦୁଃଖର ମୁହୂର୍ତ୍ତରେ, ଛୋଟ ସମର୍ଥନ ମଧ୍ୟ ଏକ ବଡ଼ ପାର୍ଥକ୍ୟ ଆଣିପାରେ । ପ୍ରକଳ୍ପ ସହଯୋଗ ଆମ ପରିବାରକୁ ମର୍ଯ୍ୟାଦାର ସହ ରୀତିନୀତି ପାଳନ କରିବା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିଥିଲା। ଆମ ଜୀବନର ଏହି କଠିନ ସମୟରେ ଯତ୍ନ ଏବଂ ସମର୍ଥନ ପାଇଁ ଆମେ ବେଦାନ୍ତ ଆଲୁମିନିୟମ ପ୍ରତି କୃତଜ୍ଞ । ବେଦାନ୍ତ ଆଲୁମିନିୟମ୍ ଏହାର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ, ଗ୍ରାମୀଣ ଭିତ୍ତିଭୂମି, କ୍ରୀଡା ଏବଂ ସାମାଜିକ କଲ୍ୟାଣରେ ଧ୍ୟାନ କେନ୍ଦ୍ରିତ କରି ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ ଜାରି ରଖିଛି।

## ରୋଗୀଙ୍କ ସ୍ୱାସ୍ଥ୍ୟ ଉନ୍ନତ କରିବା ପାଇଁ ଡାକ୍ତରମାନେ ପଦକ୍ଷେପ ନେଉଛନ୍ତି

**କଟକ, ୨୨।୭ (ନି.ପ୍ର):** ସୁସ୍ଥ ଭାରତ ଗଠନରେ ଡାକ୍ତରମାନେ ସର୍ବଦା ଏକ ଅତୁଳନୀୟ ଭୂମିକା ଗ୍ରହଣ କରିଛନ୍ତି। ଜନସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସଚେତନତା ପ୍ରତି ଡାକ୍ତରମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେଇ, ଚିକିତ୍ସା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପ୍ରତି ସମ୍ମାନ ଏବଂ କୃତଜ୍ଞତା ପ୍ରକାଶ କରାଯାଇଥିଲା। ଭାରତରେ ଡାକ୍ତର ଦିବସ ଅବସରରେ, ସମସ୍ତ ଡାକ୍ତରଙ୍କ ପ୍ରତି ସମ୍ମାନ ଏବଂ କୃତଜ୍ଞତା ପ୍ରକାଶ କରିବା ସହିତ, ହୃଦଘାତ ପରିଚାଳନା, ନିଦାନ ହୃଦଘାତ ତଦନ୍ତ ବିଶେଷଜ୍ଞ ହୃଦରୋଗ ବିଶେଷଜ୍ଞ ଡକ୍ଟର ସୁଶାନ୍ତ କୁମାର ଶୈଳ



କହିଛନ୍ତି ଯେ ଡାକ୍ତରମାନେ ସେମାନଙ୍କର ଜ୍ଞାନ, ସମର୍ପଣ ଏବଂ ସେବା ମନୋଭାବ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନେ କେବଳ ରୋଗର ଚିକିତ୍ସା କରନ୍ତି ନାହିଁ ବରଂ ଲୋକଙ୍କୁ ଉନ୍ନତ, ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରନ୍ତି। ରୋଗର ଚିକିତ୍ସା ବ୍ୟତୀତ, ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେବାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ବିଶ୍ୱରେ, ସ୍ୱାସ୍ଥ୍ୟସେବା ଆଉ କେବଳ ଔଷଧ ପର୍ଯ୍ୟନ୍ତ ସୀମିତ ନୁହେଁ; ଏକ ସନ୍ତୁଳିତ ଜୀବନଶୈଳୀ, ନିୟମିତ ବ୍ୟାୟାମ ଏବଂ ଯୋଗ ଭଲ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଛି। ଯୋଗ କେବଳ ଶାରୀରିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ ନାହିଁ ବରଂ ମାନସିକ ସନ୍ତୁଳନ, ଆତ୍ମବିଶ୍ୱାସ ଏବଂ ଏକ ସକାରାତ୍ମକ ମାନସିକତାକୁ ମଧ୍ୟ ପ୍ରୋତ୍ସାହିତ କରେ। ଏହି କାରଣରୁ ଚିକିତ୍ସା ବିଶେଷଜ୍ଞମାନେ ଯୋଗ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରାୟତଃ ଉତ୍ସାହିତ କରନ୍ତି।

## ଶ୍ୟାମ ମେଟାଲିକ୍ସର ୨୦୨୬-୨୭ ଆର୍ଥିକ ବର୍ଷରେ ରାଜସ୍ୱରେ ସ୍ଥାୟୀ ଏବଂ ସୁଦୃଢ଼ ଅଭିବୃଦ୍ଧି

**ଭୁବନେଶ୍ୱର, ୨୨।୭ (ନି.ପ୍ର) :** ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। କମ୍ପାନିର ରାଜସ୍ୱ ୨୩.୩ ପ୍ରତିଶତ ବୃଦ୍ଧି ପାଇ ୫୪୫୫ କୋଟି ଟଙ୍କା ଓ ଏବିଟଡା ୨୮.୩ ପ୍ରତିଶତ ବୃଦ୍ଧି ପାଇ ୮୧୨ କୋଟି ଟଙ୍କା ହୋଇଛି। ଏବିଟଡା ମାର୍ଜିନ ୧୪.୯ ପ୍ରତିଶତ, ପରିଚାଳନା ଏବିଟଡା ୭୬୫ କୋଟି ଟଙ୍କା, ପରିଚାଳନା ଏବିଟଡା ମାର୍ଜିନ ୧୪ ପ୍ରତିଶତ ରହିଛି। ଏହି ସମୟରେ କମ୍ପାନିର ଟିକସ ପରବର୍ତ୍ତୀ ଲାଭ ୩୫୧ କୋଟି ଟଙ୍କା ଓ ପିଏଟି ମାର୍ଜିନ ୬.୪ ପ୍ରତିଶତ ରହିଛି। ଶ୍ୟାମ ମେଟାଲିକ୍ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରିଜ ଭୂଷଣ ଅଗ୍ରୱାଲ କହିଛନ୍ତି ଯେ, 'ଶୃଙ୍ଖଳିତ କାର୍ଯ୍ୟକାରିତା, ପରିଚାଳନା ଉତ୍କର୍ଷ ଓ ଆମର ସମନ୍ୱିତ ବ୍ୟବସାୟ ମଡେଲର ଦୃଢ଼ତା ଆଧାରରେ ଆମେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକକୁ ଭଲ ଭାବେ ଆରମ୍ଭ କରିଛୁ। ଏହି ତ୍ରୈମାସିକରେ ରାଜସ୍ୱ, ଏବିଟଡା ଓ ପିଏଟି ଯଥାକ୍ରମେ ୨୩ ପ୍ରତିଶତ, ୨୮ ପ୍ରତିଶତ ଓ ୨୧ ପ୍ରତିଶତ ବୃଦ୍ଧି ପାଇଛି। ନିରନ୍ତର ପରିଚାଳନା ପାରଦର୍ଶିତାରେ ଉନ୍ନତି ପାଇଁ ଏବିଟଡା ମାର୍ଜିରେ ୧୦୦ ବିପିଏସ ବୃଦ୍ଧି ଘଟିଛି। ଏହି ତ୍ରୈମାସିକର ଏକ ନିର୍ଣ୍ଣାୟକ ମାଇଲଖୁଂଟ ଥିଲା ଭିଜନ ୨୦୩୧ ରୋଡମ୍ୟାପର ଉନ୍ମୋଚନ ଯେଉଁଥିରେ ଶ୍ୟାମ ମେଟାଲିକ୍ସକୁ ଦୃଢ଼ ଓ ସ୍ଥାୟୀ ଆୟ ପ୍ରୋଫାଇଲ ସହିତ ଏକ କମୋଡିଟି ଆଧାରିତ ଇସ୍ପାତ ଉତ୍ପାଦନକାରୀରୁ ଏକ ବିବିଦ, ମୂଲ୍ୟଯୁକ୍ତ ଧାତବ ସଂସ୍ଥାରେ ପରିଣତ କରିବାକୁ ଅଭିଳାଷ ରହିଛି। ଓଡ଼ିଶାରେ ଆମର ଆଲୁମିନିୟମ ଫଏଲ କାରଖାନାରେ

SHYAM METALICS
ORE TO METAL

ବାଣିଜ୍ୟିକ ଉତ୍ପାଦନର ଶୁଭାରମ୍ଭ କରି ଆମେ ଏକ ଗୁରୁତ୍ୱପୂର୍ଣ୍ଣ ପରିଚାଳନା ମାଇଲଖୁଂଟ ହାସଲ କରିଛୁ ଯାହା ଏକ ସମନ୍ୱିତ ଆନୁଷଙ୍ଗିକ ଆଲୁମିନିୟମ ବ୍ୟବସ୍ଥା ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦ୍ୱିତୀୟ ତ୍ରୈମାସିକରେ କାର୍ଯ୍ୟକାରୀ ହେବା ପାଇଁ ଆଲୁମିନିୟମ ଫ୍ଲାଟ ରୋଲଡ ଉତ୍ପାଦ କାରଖାନା ସଠିକ ଦିଗରେ ଗତି କରୁଛି ଏବଂ ଆମ ଅଭିବୃଦ୍ଧି ପୋର୍ଟଫୋଲିଓର ସବୁ ପ୍ରମୁଖ ପ୍ରକଳ୍ପ ଯୋଜନା ଅନୁସାରେ ଆଗକୁ ବଢୁଛି ଏବଂ ନିର୍ଦ୍ଧାରିତ ସମୟ ସୀମା ସହିତ ତାହା ଆଗକୁ ବଢ଼ିବା ଜାରି ରହିବ। ଆମ ଇତିହାସର ଅନ୍ୟତମ ସର୍ବବୃହତ୍ତ ନିବେଶ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ସତ୍ତ୍ୱେ ଅଳ୍ପ ଋଣ ସ୍ତର ସହ ଆମେ ଦୃଢ଼ ବାଲାନ୍ସ ସିଟ ବଜାୟ ରଖିଛୁ ଯାହା ପୁଁ ଆବଂଟନରେ ଆମର ପାରଦର୍ଶିତା, ସୁସ୍ଥକର ଆଭ୍ୟନ୍ତରୀଣ ନଗଦ ସୃଷ୍ଟି ଏବଂ ନିଜସ୍ୱ ପାଣ୍ଠି ଜରିଆରେ ଅଭିବୃଦ୍ଧି ପାଇଁ ଆମ ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ତାହା ଦର୍ଶାଉଛି। ଆମର ନୂତନ କ୍ଷମତା ସମ୍ପ୍ରସାରଣ ଏବଂ ଏଚଆର, ଏସବିକ୍ୟୁ, ଷ୍ଟେନଲେସ ଷ୍ଟିଲ, ଆଲୁମିନିୟମ ଓ ଆନୁଷଙ୍ଗିକ କ୍ଷେତ୍ର ଭଳି ଉଚ୍ଚ ମୂଲ୍ୟର ବ୍ୟବସାୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ ଦେଉଥିବାରୁ ଆଗାମୀ ବର୍ଷଗୁଡ଼ିକରେ ଆୟ, ଗୁଣାତ୍ମକ ମାନ, ଲାଭ ଓ ପୁଁ ଦକ୍ଷତାରେ ବ୍ୟାପକ ଉନ୍ନତି ହେବ ବୋଲି ଆମେ ଆଶା କରୁଛୁ। ଉତ୍କର୍ଷ ରିଟର୍ଣ୍ଣ ପ୍ରଦାନ କରିବାର ଆମର ଦୀର୍ଘକାଳୀନ ଲକ୍ଷ୍ୟକୁ ହାସଲ କରିବା ନେଇ ଆମେ ଦୃଢ଼ ବିଶ୍ୱାସୀ ରହିଛୁ ଏବଂ ଭିଜନ ୨୦୩୧ ଅନୁସାରେ ଆମର ଆରଓଇ ଓ ଆରଓସିଇରେ ଉଲ୍ଲେଖନୀୟ ଉନ୍ନତି ଆଶା କରୁଛୁ।

## ଖିମଜୀ ଫାଉଣ୍ଡେସନ ପକ୍ଷରୁ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସେବା

**ଭୁବନେଶ୍ୱର, ୨୨।୭ (ନି.ପ୍ର)** : ଓଡ଼ିଶାର ଅନ୍ୟତମ ବିଶ୍ୱସ୍ତ ଓ ପ୍ରସିଦ୍ଧ ଅଳଙ୍କାର ବ୍ରାଣ୍ଡ ଖିମଜୀ ଜୁଏଲର୍ସ ରଥଯାତ୍ରା ୨୦୨୬ରେ ସମାଜ କଲ୍ୟାଣ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି । ନିଜର ସିଏସଆର ଶାଖା ଖିମଜୀ ଫାଉଣ୍ଡେସନ ମାଧ୍ୟମରେ ଏହା ରଥଯାତ୍ରା ପାଇଁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସହାୟତା କରିବା ପାଇଁ ପୁରୀରେ ଅନେକ ସେବାମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଥିଲା। ଖିମଜୀଫାଉଣ୍ଡେସନ ପରିବାର ଓ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମିତେଶଖିମଜୀ ରଥଯାତ୍ରାର ଏହି ପବିତ୍ର ଅବସରରେ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ସେ ଓଡ଼ିଶାର ଜନସାଧାରଣଙ୍କ ଶାନ୍ତି, ଖୁସି, ଉତମସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ସେବାର ନିଜ ପରମ୍ପରାକୁ ଜାରି ରଖି ଖିମଜୀଫାଉଣ୍ଡେସନବଡ଼ଦାଣ୍ଡର ପ୍ରମୁଖ ସ୍ଥାନଗୁଡ଼ିକରେ ଜଳ ସିଞ୍ଚନ ଗାଡ଼ିଗୁଡ଼ିକୁ ନିୟୋଜିତ କରିଥିଲା। ଏହି ପଦକ୍ଷେପ ପ୍ରଚଣ୍ଡ ଖରା ଓ ଆର୍ଦ୍ରତାରୁ ଆବଶ୍ୟକୀୟ ଆଶ୍ୱସ୍ତି ପ୍ରଦାନ କରିଥିଲା। ତାହା ଏହି ପବିତ୍ର ଉତ୍ସବରେ ଭାଗ ନେଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ଅଧିକ ଆରାମଦାୟକ ଅ ଆଧ୍ୟାତ୍ମିକ ଭାବେ ସମୃଦ୍ଧ ଅନୁଭୂତି ସୁନିଶ୍ଚିତ କରିବାରେ ସାହାଯ୍ୟ କରିଥିଲା।




ଏହା ବ୍ୟତୀତ ଫାଉଣ୍ଡେସନ ପୂର୍ବରୁ ରହିବା ବ୍ୟବସ୍ଥା ନ କରି ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ପୁରୀ ସମୁଦ୍ର କୂଳରେ ୩୦,୦୦୦ ବର୍ଗଫୁଟର ମାଗଣା ରାତ୍ରି ଆଶ୍ରୟସ୍ଥଳ ସ୍ଥାପନ କରିଥିଲା। ଏହି ଆଶ୍ରୟସ୍ଥଳରେ ପାନୀୟ ଜଳ, ଇ-ଶୌଚାଳୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମେତ ଆବଶ୍ୟକୀୟ ସୁବିଧା ଥିଲା, ଯାହା ରଥଯାତ୍ରାରେ ହଜାର ହଜାର ତୀର୍ଥଯାତ୍ରୀଙ୍କ ପାଇଁ ଖିମଜୀ, ସ୍ୱଚ୍ଛ ଓ ସହଜରେ ଉପଲବ୍ଧ ଅସ୍ଥାୟୀ ରହିବା ସ୍ଥାନ ପ୍ରଦାନ କରିଥିଲା।

ଏହି ପଦକ୍ଷେପ ସମ୍ପର୍କରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମିତେଶ ଖିମଜୀ କହିଛନ୍ତି ଯେ, "ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ; ଏହା ଓଡ଼ିଶାର ଆଧ୍ୟାତ୍ମିକ ସ୍ପନ୍ଦନ। ଏହି ପବିତ୍ର ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରଦ୍ଧାଳୁଙ୍କ ସେବା କରିବା ଆମର ସୌଭାଗ୍ୟ ପ ଆମର ଦାୟିତ୍ୱ ଉଭୟ। ଖିମଜୀଫାଉଣ୍ଡେସନ ମାଧ୍ୟମରେ ଆମେ କରୁଣା, ପରମ୍ପରା ଓ ଯତ୍ନ ଉପରେ ଆଧାରିତ ଅର୍ଥପୂର୍ଣ୍ଣ ପଦକ୍ଷେପ ଜରିଆରେ ସମାଜକୁ ଫେରାଇବା ପାଇଁ ପ୍ରତିବଦ୍ଧ ରହିଛୁ।"

ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ଯାତ୍ରାକୁ ପାଳନ କରୁଥିବା ରଥଯାତ୍ରା ସାରା ଭାରତ ଓ ବିଶ୍ୱସାରାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ ଯାହା ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ସମାବେଶଗୁଡ଼ିକ ମଧ୍ୟରୁ ଅନ୍ୟତମ ଭାବେ ପ୍ରତିଷ୍ଠା ହାସଲ କରିଛି। ଏକତା, ଭକ୍ତି ଓ ସାମୁଦାୟିକ ଭାବନାର ଯେଉଁ ମୂଲ୍ୟବୋଧ ଏହି ଉତ୍ସବକୁ ନିରୂପଣ କରିଛି ତାହା ଫାଉଣ୍ଡେସନର ସମର୍ପିତ ପ୍ରଚେଷ୍ଟାରେ ପ୍ରତିଫଳିତ ହୋଇଥିଲା।

ରଥଯାତ୍ରା ୨୦୨୬ରେ ଖିମଜୀଫାଉଣ୍ଡେସନରପଦକ୍ଷେପଗୁଡ଼ିକ ଶ୍ରଦ୍ଧାଳୁ ଓ ସ୍ଥାନୀୟ ପ୍ରଶାସନ ଦ୍ୱାରା ବ୍ୟାପକ ଭାବରେ ପ୍ରଶଂସିତ ହୋଇଥିଲା। ଯାହା ଓଡ଼ିଶାରେକର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଏହାର ପରମ୍ପରାକୁ ଆହୁରି ସୁଦୃଢ଼ କରିଛି। ସ୍ୱାସ୍ଥ୍ୟସେବା, ଶିକ୍ଷା, ବିପର୍ଯ୍ୟୟ ପ୍ରଶମନ ଓ ସମାଜ କଲ୍ୟାଣ ପ୍ରତି ଦୃଢ଼ ପ୍ରତିବଦ୍ଧତା ସହିତ ଫାଉଣ୍ଡେସନ ରାଜ୍ୟରେ କରୁଣାମୟ ସେବାର ଏକ ଆଲୋକବର୍ତ୍ତିକା ଭାବରେ ଛିଡ଼ା ହେବା ଜାରି ରଖିଛି।

## ସାମସଙ୍ଗ ପକ୍ଷରୁ ଗ୍ୟାଲାକ୍ସି ଏଆଇ ଡିଭାଇସଗୁଡିକ ଉପରେ 'ବ୍ୟାକ୍ ଟୁ ସ୍କୁଲ' ଅଫର

**ଭୁବନେଶ୍ୱର, ୨୨।୭ (ନି.ପ୍ର) :** ସାମସଙ୍ଗ ପକ୍ଷରୁ ଆଜି ଗ୍ୟାଲାକ୍ସି ଏଆଇ ଡିଭାଇସଗୁଡିକ ଉପରେ ଏହାର 'ବ୍ୟାକ ଟୁ ସ୍କୁଲ' ଅଫର ଘୋଷଣା କରାଯାଇଛି। 'ଷ୍ମାର୍ଟ ସ୍କୁଲ। ଷ୍ଟାଣ୍ଡ ଆଉଟ। ଗ୍ରୋ ଫର୍ଦର ଓ୍ୱିଥ ସାମସଙ୍ଗ ଏଆଇ' କ୍ୟାମ୍ପେନ ଅଧିନରେ ସାମସଙ୍ଗ ପକ୍ଷରୁ ସାମସଙ୍ଗ ଷ୍ଟୁଡେଂଟ+ ପ୍ରୋଗ୍ରାମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଲାଭ ପ୍ରଦାନ କରାଯାଉଛି । ଯେଉଁଥିରେ ନିର୍ଦ୍ଧିଷ୍ଟ ଉତ୍ପାଦ ଉପରେ ୧୦% ପର୍ଯ୍ୟନ୍ତ ରିହାତି, ଆକର୍ଷଣୀୟ ବ୍ୟାଙ୍କ ଅଫର, ନୋ-କଷ୍ଟ୍ ଇଏମଆଇ ବିକଳ୍ପ ଓ ସାମସଙ୍ଗର ନୂଆ ରେର ସ୍ମାର୍ଟଫୋନ, ଲାପଟପ, ଟାବଲେଟ, ମନିଟର ଓ ଓ୍ୱେୟାରେବୁଲ୍ସରେ ନୂତନ ଲାଭ ସାମିଲ ରହିଛି। ଏହି ଅଫର ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ୟାଲାକ୍ସି ବୁକ୍୬ ପ୍ରୋ ଉପରେ ଏଚଡିଏଫସି ବ୍ୟାଙ୍କ ଡେବିଟ ଓ କ୍ରେଡିଟ କାର୍ଡରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ ଯାହା ଏହାର ପ୍ରଭାବୀ ମୂଲ୍ୟକୁ ୧୭୩,୯୯୦ ଟଙ୍କାକୁ ହ୍ରାସ କରୁଛି। ଏହାଛଡା ଗ୍ୟାଲାକ୍ସି ଟ୍ୟାବ୍ ଏସ୧୧ ଅଲ୍‌ଟ୍ରା ଉପରେ ମଧ୍ୟ ଗ୍ରାହକମାନେ ଏଚଡିଏଫସି ବ୍ୟାଙ୍କ ଡେବିଟ ଓ କ୍ରେଡିଟ କାର୍ଡ ବ୍ୟବହାର କରି ୫୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ, ଯାହା ଏହାର ମୂଲ୍ୟକୁ ୧୧୭,୯୯୯ ଟଙ୍କାକୁ ହ୍ରାସ କରୁଛି। ଛାତ୍ରଛାତ୍ରୀମାନେ ସ୍ମାର୍ଟ ମନିଟର ଏମ୮ ଉପରେ ୩୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହ ୧୦% ପର୍ଯ୍ୟନ୍ତ ଛାତ୍ର ରିହାତି ପାଇବେ। 'ବ୍ୟାକ୍ ଟୁ ସ୍କୁଲ ଅଫର' ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ୟାଲାକ୍ସି ଫର୍‌ଏଭର ପ୍ରୋଗ୍ରାମ ମାଧ୍ୟମରେ ଗ୍ୟାଲାକ୍ସି ଏସ୨୬ ସିରିଜ ସ୍ମାର୍ଟଫୋନ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଯୋଗ୍ୟ ଛାତ୍ରଛାତ୍ରୀମାନେ ମୂଲ୍ୟ ଉପରେ ୭%ର ଏକ ଛାତ୍ର ରିହାତି ମଧ୍ୟ ପାଇବେ। ଗ୍ୟାଲାକ୍ସି ଫରଏଭର ହେଉଛି ଏକ ଫ୍ଲାଗସିପ ଓନରସିପ ପ୍ରୋଗ୍ରାମ ଯାହା ଗ୍ରାହକଙ୍କୁ ଏକ କ୍ରେଡିଟ କାର୍ଡ କିମ୍ବା ସାମସଙ୍ଗ ଫାଇନାନ୍ସ+ ମାଧ୍ୟମରେ ୧୨ଟି ନୋ-କଷ୍ଟ୍ ଇଏମଆଇ ସହ ଡିଭାଇସର କେବଳ ୫୦% ମୂଲ୍ୟ ପଇଠ କରି ଏକ ଗ୍ୟାଲାକ୍ସି ଏସ୨୬ ଅଲ୍‌ଟ୍ରା କିମ୍ବା ଗ୍ୟାଲାକ୍ସି ଏସ୨୬ ପ୍ଲସ ସ୍ମାର୍ଟଫୋନ କିଣିପାରିବେ। ଏକ ବର୍ଷ ପରେ ଗ୍ରାହକ ଏକ ନିଶ୍ଚିତ ୫୦% ବାୟବ୍ୟାକ ପ୍ରୋଗ୍ରାମ ଅଧିନରେ ନିଜର ସ୍ମାର୍ଟଫୋନକୁ ଫେରସ୍ତ କରି ସାମସଙ୍ଗର ପରବର୍ତୀ ଫ୍ଲାଗସିପ ସ୍ମାର୍ଟଫୋନକୁ ଅପ୍‌ଗ୍ରେଡ ହୋଇପାରିବେ କିମ୍ବା ନିଜ ଡିଭାଇସକୁ ରଖିବା ପାଇଁ ୧୩ତମ ମାସରେ ଅବଶିଷ୍ଟ ୫୦% ଅର୍ଥ ପଇଠ କରିପାରିବେ। ଏହି ପ୍ରୋଗ୍ରାମରେ ୧୩ ମାସ ପାଇଁ ୧୩,୯୯୯ ଟଙ୍କା ମୂଲ୍ୟର ସାମସଙ୍ଗ କେୟାର+ ସାମିଲ ରହିଛି ଯାହା ଜିରୋ ଡିଡକ୍ଟିବୁଲ୍ସ ସହ ଆକ୍ସିଡେଂଟାଲ ଓ ଲିକ୍ୱିଡ ଡ୍ୟାମେଜ ସୁରକ୍ଷା ପ୍ରଦାନ କରିଥାଏ। ସାମସଙ୍ଗ ପକ୍ଷରୁ ଗ୍ୟାଲାକ୍ସି ଓ୍ୱାଚ୮, ଗ୍ୟାଲାକ୍ସି ବଡ୍‌ସ୪ ସିରିଜ ଓ ଗ୍ୟାଲାକ୍ସି ଆକ୍‌ସେସରିଜର ଏକ ରେ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଛାତ୍ରଛାତ୍ରୀମାନେ ନିଜର ଶିକ୍ଷାନୁଷ୍ଠାନ ପକ୍ଷରୁ ଜାରି କରାଯାଇଥିବା ଇମେଲ ଆଇଡି ସହ ଯାଞ୍ଚକରଣ କରି କିମ୍ବା ଏକ ଗ୍ଲୋବାଲ ଷ୍ଟୁଡେଂଟ ଭେରିଫିକେଶନ ପ୍ଲାଟଫର୍ମ ୟୁନିଡେଜ୍ ମାଧ୍ୟମରେ ନିଜର ଷ୍ଟୁଡେଂଟ ଷ୍ଟାଟସ ଯାଂଚ କରି ସାମସଙ୍ଗ ଷ୍ଟୁଡେଂଟ+ ପ୍ରୋଗ୍ରାମ ମାଧ୍ୟମରେ ଏହି ସ୍ୱତନ୍ତ୍ର ରିହାତି ଓ ଲାଭ ପାଇପାରିବେ।

